## ସାମ୍ବାଦିକ ମଦନ ପାଢ଼ୀ ମୃତ୍ୟୁ ମାମଲାର ନୂଆ ମୋଡ଼

# ବାବୁ ଗୌଡ଼କୁ ରାଉରକେଲାରୁ ଗିରଫ କଲା ପୁଲିସ

**ବେଲଗୁଣ୍ଠା,୨୪ ।୦୧ (ସମିସ)**

ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ଥାନା ଗିରିସୋଲା ଗ୍ରାମର ମଦନ ମୋହନ ପାଢ଼ୀ ମୃତ୍ୟୁ ମାମଲାର ଭିସାରା ରିପୋର୍ଟ ଆସିବା ପରେ ଏହା ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହୋଇଛି । ଅପମୃତ୍ୟୁ ମାମଲାକୁ ପରିବର୍ତ୍ତନ କରି ପୁଲିସ ଏହାକୁ ହତ୍ୟା ମାମଲା ରୁଜୁ କରିଥିଲା। ଏ ସଂପର୍କରେ ହତ୍ୟାର ଶିକାର ମଦନଙ୍କ ପରିବାର ସଦସ୍ୟମାନେ ଭଞ୍ଜନଗର ଠାରେ ମିଳିତ ଜନ ଅଭିଯୋଗ ଶୁଣାଣି ବେଳେ ଗଞ୍ଜାମ ଏସପି ଜଗମୋହନ ମୀନାଙ୍କୁ ଭେଟି ମାମଲାର ଗୁରୁତ୍ୱ ଦୃଷ୍ଟିରୁ ତୁରନ୍ତ ପୁଲିସ୍ ପକ୍ଷରୁ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଏଥିରେ ଜଡିତ ଅଭିଯୁକ୍ତଙ୍କୁ ଠାବ କରିବା ସହ ସେମାନଙ୍କୁ ଗିରଫ କରିବା ପାଇଁ ନିବେଦନ କରିଥିଲେ। ଏହି ମାମଲାକୁ ଗଞ୍ଜାମ ଏସ୍‌ପି ଶ୍ରୀ ମୀନା ଗମ୍ଭୀରତାର ସହ ନେଇ ତୁରନ୍ତ ଏହି ମାମଲାରେ ଜଡିତ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ବେଲଗୁଣ୍ଠା ଥାନା ଅଧିକାରୀ ଓ ଭଞ୍ଜନଗର ଏସଡିପିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୃତ ମଦନଙ୍କ ଭିସେରା ରିପୋର୍ଟ ଓ ଘଟଣା ସ୍ଥଳରୁ ଗାଏବ ହୋଇଯାଇଥିବା ମୋବାଇଲକୁ ଟ୍ରାକିଂ କରି, ଏହା ବାବୁ ପାଖରେ ଥିବାର ଜଣାପଡିବା ପରେ ଗଞ୍ଜାମ ଏସପି ଜଗମୋହନ ମିନାଙ୍କ ନିର୍ଦ୍ଦେଶ କ୍ରମେ, ଭଞ୍ଜନଗର ଏସଡ଼ିପିଓ ବିଶ୍ୱାମିତ୍ର ହରପାଲଙ୍କ ନେତୃତ୍ୱରେ ଘଟଣାର ତଦନ୍ତକାରୀ ଅଫିସର ତଥା ବେଲଗୁଣ୍ଠା ଥାନା ଅଧିକାରୀ ବନବିହାରୀ ପ୍ରଧାନ ବେଲଗୁଣ୍ଠା ପୋଲିସ ସହ ଏହି ମାମଲାରେ ସମ୍ପୃକ୍ତ ଥିବାସେହି ଗ୍ରାମର ବାବୁ ଗୌଡ଼ (୩୫) କୁ ରାଉରକେଲାରୁ ଗିରଫ କରି ଆଜି ସନ୍ଧ୍ୟାରେ ବାବୁକୁ ଭଞ୍ଜନଗର କୋର୍ଟ ଚାଲାଣ କରିଥିବା ଜଣାପଡିଛି।

ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ଥାନା ଅନ୍ତର୍ଗତ ଗିରିସୋଲା ଗ୍ରାମର ସାମ୍ବାଦିକ ମଦନମୋହନ ପାଢୀ (୩୪) ଙ୍କ ଗତ ୨୦୨୨ ଏପ୍ରିଲ୍ ମାସ ୨୩ ତାରିଖ ରାତିରେ ଅତ୍ୟନ୍ତ ରହସ୍ୟଜନକଭାବେ ମୃତ୍ୟୁ ଘଟିଥିଲା। ନିଜ ଫାର୍ମ ହାଉସରେ ଏକ ଛୋଟିଆ ଚଦରଟିଏ ପିନ୍ଧିଥିବା ଅବସ୍ଥାରେ ମଦନଙ୍କ ମୃତ ଶରୀର ଠାବ ହୋଇଥିଲା । ମଦନଙ୍କ ମୃତ୍ୟୁ ଘଟଣାକୁ ତାଙ୍କ ପରିବାର ଲୋକେ ସହଜରେ ଗ୍ରହଣ କରିପାରିନଥିବାବେଳେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସେତେବେଳେ ଆଶଙ୍କା ବ୍ୟକ୍ତ କରିଥିଲେ । କାରଣ ପ୍ରତିଦିନ ମଦନ ନିଜ ୩/୪ ଜଣ ସାଙ୍ଗଙ୍କସହ ରାତିରେ ଫାର୍ମ ହାଉସରେ ମଦ ପିଇ ସେଠାରେ ରାତ୍ରୀ ଯାପନ କରୁଥିଲା । ଘଟଣାଦିନ ମଧ୍ୟ ତା ସାଙ୍ଗରେ ୩/୪ ଜଣ ସାଙ୍ଗ ରହିଥିଲେ । ତେବେ ମଦନଙ୍କ ମୃତ୍ୟୁ ହେବା ଘଟଣା ପରେ ଏହି ସାଙ୍ଗ ମାନେ କାହିଁକି ସେଠାରୁ ଅନ୍ତର୍ଦ୍ଧାନ ହୋଇଯାଇଥିଲେ ତାହାହିଁ ଏହି ଘଟଣାକୁ ଅଧିକ ରହସ୍ୟମୟ କରିଦେଇଥିଲା। ବିଳମ୍ବିତ ରାତିରେ ମଦନଙ୍କ ମୃତ୍ୟୁ ଘଟିଥିବାବେଳେ ସେଠାରୁ ତା'ର ବନ୍ଧୁମାନେ ଗାଏବ ହୋଇଯାଇଥିଲେ ମଧ୍ୟ ମୃତ୍ୟୁ ସଂପର୍କରେ ମଦନଙ୍କ ପରିବାରକୁ ଜଣାଇନଥିଲେ। ଏହାକୁ ମଦନର ପରିବାର ଲୋକେ ଏହା ଏକା ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଦାବି କାରି ଆସୁଥିଲେ। ଘଟଣାକୁ ପୋଲିସ ଗମ୍ଭୀରତାର ସହ ନେଇ ମଦନଙ୍କ ଭିସେରା ଟେଷ୍ଟ ପାଇଁ ଭୁବନେଶ୍ୱର ଲ୍ୟାବକୁ ପଠାଇଥିଲା। ପରବର୍ତ୍ତୀ ସମୟରେ ଭିସାରା ରିପୋର୍ଟ ରେ ମଦନଙ୍କ ମୃତ୍ୟୁ ବିଷ ଜନିତ ହୋଇଥିବା ଜଣାପଡିଥିବାରୁ ଏହ ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହୋଇଥିଲା। ଭିସାରା ରିପୋର୍ଟ ଆଧାରରେ ପୋଲିସ ଅପମୃତ୍ୟୁ ମାମଲାକୁ ପରିବର୍ତ୍ତନ କରି ୪୫୬/୨୩ ରେ ହତ୍ୟା ମାମଲା ରୁଜୁ କରିଥିଲା।

## ଦୁଇ ବାଇକ୍ ଧକ୍କା: ଜଣେ ମୃତ, ଦୁଇ ଗୁରୁତର

**କାଶୀନଗର, ୨୪ ।୧(ସମିସ):** ଗଜପତି ଜିଲ୍ଲା କାଶୀନଗର ଥାନା ଅନ୍ତର୍ଗତ ହରିପୁର ଛକ ନିକଟସ୍ଥ ମୁଖ୍ୟ ରାସ୍ତାରେ ଦୁଇ ବାଇକ ମୁହାମୁହିଁ ଧକ୍କା ହେବାରୁ ଜଣକର ମୃତ୍ୟୁ ହୋଇଥିବା ବେଳେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣକ ହେଲେ କାଶୀନଗର ମାଜଲା ସାହିର କେ. ବାଳକୃଷ୍ଣ(୨୨) ।ଆହତ ଦୁଇ ବ୍ୟକ୍ତି ମାନେ ହେଲେ କାଶୀନଗର ମାଜଲା ସାହିର କେ. ଗୋପୀ ଓ ବଞ୍ଚିରି ଗୁଡ଼ା ଗ୍ରାମର ଗଜେନ୍ଦ୍ର ଶବର। ଆହତଙ୍କୁ ପ୍ରଥମେ କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। ପରିସ୍ଥିତି ଗୁରୁତର ହେବାରୁ ଅଧିକ ଚିକିତ୍ସା ପାଇଁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ ଏକ ବାଇକରେ କେ. ବାଳକୃଷ୍ଣ ଓ କେ. ଗୋପୀ କୌଣସି କାମରେ ଗୁଣୁପୁର ଯାଉଥିବା ବେଳେ ସମ୍ମୁଖରୁ ଆସୁଥିବା ଗଜେନ୍ଦ୍ର ଶବରଙ୍କ ବାଇକ ସହ ଧକ୍କା ହୋଇଥିଲା। ଏଥିରେ ବାଳକୃଷ୍ଣଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ସୂଚନା ପାଇ ୧୦୮ ଆମ୍ବୁଲାନ୍ସ ଓ ଅଗ୍ନି ବିଭାଗ ଗାଡ଼ି ପହଞ୍ଚି ଦୁର୍ଘଟଣାରେ ଆହତଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

## ଅର୍ପଣ ରଥ ପରିକ୍ରମା: ବ୍ଲକ୍ ବାସିନ୍ଦା ଦାନ କରିଛନ୍ତି ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା



**ଖଲ୍ଲିକୋଟ, ୨୪ ।୧(ସମିସ)**

କିଛି ଦିନ ତଳେ ପୁରୀ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ବୁଲୁଥିବା ଅର୍ପଣ ରଥକୁ ଖଲ୍ଲିକୋଟ ବ୍ଲକରୁ ସର୍ବାଧିକ ୪ଲକ୍ଷ ୨୮ ହଜାର ୩୫୫ ଟଙ୍କା ଲୋକ ଅର୍ପଣ ରଥକୁ ଦାନ କରିଥିବା ବିଡିଓ ଦେବାଶିଷ ସାମଲ କହିଛନ୍ତି। ତେବେ ଅର୍ପଣ ରଥରେ ମୁଖ୍ୟମନ୍ତ୍ରୀଙ୍କ ନିବେଦନ କ୍ରମେ ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ପାଇଁ କେବଳ ମୁଠି ଚାଉଳ ଓ ଗୁଆ ଦେବା ପାଇଁ କୁହାଯାଇଥିବା ବେଳେ ଲୋକ ସ୍ୱତଃପ୍ରବୃତ ଭାବେ ଚାଉଳ ଗୁଆ ସହିତ ନଡିଆ ଓ ଟଙ୍କା ପ୍ରଦାନ କରିଥିଲେ। ଖଲ୍ଲିକୋଟ ବ୍ଲକରେ ଟଙ୍କା ସହିତ ୧୨୫ କୁଇଣ୍ଟାଲ ଚାଉଳ ଓ ୪୮ କେଜି ଗୁଆ ମଧ୍ୟ ପ୍ରଦାନ କରିଛନ୍ତି। ଖଲ୍ଲିକୋଟ ବ୍ଲକରୁ ଦାନରେ ମିଳିଥିବା ଟଙ୍କା ସହ ଗଞ୍ଜାମ ଜିଲ୍ଲାରେ ଆଦାୟ ହୋଇଥିବା ମୋଟ ୨୯ ଲକ୍ଷ ଟଙ୍କା ଜଗନ୍ନାଥ ମନ୍ଦିର ଟ୍ରଷ୍ଟକୁ ପ୍ରଦାନ କରାଯାଇଥିବାବେଳେ ଆଗାମୀ ଦିନରେ ଗୁଆ, ଚାଉଳ ଓ ନଡିଆ ପୁରୀ ପଠାଯିବାର ଦିନ ଧାର୍ଯ୍ୟ କରାଯାଇଛି ବୋଲି ଖଲ୍ଲିକୋଟ ବ୍ଲକ ବିଡିଓ ଦେବାଶିଷ ସାମଲ କହିଛନ୍ତି।

# ବିଜେଡିର ବନ୍ଧୁମିଳନ କାର୍ଯ୍ୟକ୍ରମ

**ବୁଗୁଡ଼ା, ୨୪ ।୧(ସମିସ)**

ବୁଗୁଡ଼ା ବ୍ଲକର ଅନ୍ତରପଡ଼ା ଗାମସ୍ଥିତ ମା' ଶାଙ୍କୁଳାଇ ମନ୍ଦିର ପ୍ରାଙ୍ଗଣରେ ବିଜୁ ଜନତା ଦଳ ପକ୍ଷରୁ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁଙ୍କ ସମେତ ବ୍ଲକ ଅଧକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ ଓ ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ, ଏନଏସି ଅଧକ୍ଷ ଚିତ୍ରସେନ ପ୍ରଧାନ ଓ ଉପାଧକ୍ଷା ଗିତାଞ୍ଜଳୀ ପାଢ଼ୀ, ବ୍ଲକ ବିଜେଡି ସଭାପତି ମଦନ ଗୋପାଳ ଦୋରା ଓ ଏନଏସି ସଭାପତି କେ.ତ୍ରିଲୋଚନ ଦୋରା, ବ୍ଲକ ସଭାନେତ୍ରୀ ଜ୍ୟୋତ୍ସ୍ନାମୟୀ ଗୌଡ଼, ଏନଏସି ସଭାନେତ୍ରୀ ମନ୍ଦାକିନୀ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ଗଙ୍ଗାପାଣି ଜେନା, ସଦସ୍ୟା ଚାନ୍ଦିନୀ ନାୟକ ଓ ସମିତା ସ୍ୱାଇଁ, ଅନ୍ତରପଡ଼ା ପଞ୍ଚାୟତ ସରପଞ୍ଚ ବସନ୍ତ କୁମାର ଶତପଥି, ଖୋଳଖାଳି ପଞ୍ଚାୟତ ନାଏବ ସରପଞ୍ଚ ପ୍ରମୋଦ କୁମାର ପଣ୍ଡା, ଧରଣୀଧର ପଣ୍ଡାଙ୍କ ସମେତ ବହୁ ସଂଖ୍ୟକ ଦଳୀୟ କର୍ମକର୍ତ୍ତା ଓ ଜନପ୍ରତିନିଧି ଏବଂ ହଜାର ହଜାର କର୍ମୀ ଉପସ୍ଥିତ ରହିଥିଲେ।



# ଓଡ଼ିଆ ଭାଷା ସାହିତ୍ୟ ଆଲୋଚନାଚକ୍ର



**କୋଦଳା, ୨୪ ।୧(ସମିସ):** ବୁଧବାର କୋଦଳା ଲକ୍ଷ୍ମୀ ନାରାୟଣ ସ୍ନାତକ ମହାବିଦ୍ୟାଳୟରେ ଅଧକ୍ଷ ରଘୁନାଥ ମୁଦୁଲିଙ୍କ ପୌରାହିତ୍ୟରେ 'ନୂଆ-ଓ' କାର୍ଯ୍ୟକ୍ରମ ପକ୍ଷରୁ ଭାଷା ଓ ଓଡ଼ିଆ ସାହିତ୍ୟ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ସଂସ୍କୃତି ଉପରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ ଅଧକ୍ଷ୍ୟ। କାର୍ଯ୍ୟକ୍ରମ ସଂଯୋଜିକା ରଞ୍ଜୁବାଳା ନନ୍ଦ ଆଲୋଚନାଚକ୍ରର ଆଭିମୁଖ୍ୟ ବିଷୟରେ ମତାମତ ରଖିଥିଲେ। ପରିଚାଳନା ପରିଷଦ ସଭାପତି ଏସ ସୂର୍ଯ୍ୟ ନାରାୟଣ ଦୋରା ମଞ୍ଚାସିନ ରହି ଓଡ଼ିଆ ଭାଷା ଓ ଜଗନ୍ନାଥ ସଂସ୍କୃତି ଉପରେ ବିଷଦ ବିବରଣୀ ପ୍ରଦାନ କରିବା ସହିତ ଯୁବ ମାନସରେ ପ୍ରଚାର ପ୍ରସାର କରିବା ନିମିତ୍ତ ସରକାରଙ୍କ ଏହି ମହାନ ଉଦ୍ଦେଶ୍ୟକୁ ପ୍ରଶଂସନୀୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଡଃ ଅନନ୍ତ ରାମ କର କୌଣ୍ଡିଣ୍ୟ ଓଡ଼ିଆ ଭାଷା, ଜଗନ୍ନାଥ ତତ୍ତ୍ୱାବଧାନରେ ଗଞ୍ଜାମର ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ସଂଯୋଜକ ପ୍ରାଧାପକ ଡଃ ବିଷ୍ଣୁ ନାରାୟଣ ସେଠୀ ଓଡ଼ିଆ ସଂସ୍କୃତି ଉପରେ ନିଜର ମହତ ଭାଷା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧାପକ ସାଗର ଚାନ୍ଦ ପାତ୍ର ସତ୍ୟ ନାରାୟଣ ପାତ୍ର, ସପନ କୁମାର ଦାଶ, ବିନୋଦ କୁମାର ମିଶ୍ର, ପ୍ରଶାନ୍ତ କୁମାର ମହାପାତ୍ର, ଡଃ ଜ୍ୟୋଛନା ରାଣୀ ସାହୁ, ଅପରାଜିତା ପାତ୍ର, ଗୃହଲକ୍ଷ୍ମୀ ସାହୁ ସମେତ ସମସ୍ତ ଅଧାପକ /ଅଧାପିକା ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।







# ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ



**ପାତ୍ରପୁର, ୨୪ ।୧(ସମିସ):** ପାତ୍ରପୁର ବ୍ଲକ ଅନ୍ତର୍ଗତ ସାମନ୍ତିଆପଲ୍ଲୀ ସ୍ଥିତ ଶ୍ରୀଭରତ ପତି ମହାବିଦ୍ୟାଳୟ ଠାରେ ନୂଆଁ - ଓ ପରିପ୍ରେକ୍ଷୀରେ ଆୟୋଜିତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ତରଫରୁ ଶ୍ରୀଜଗନ୍ନାଥ ସଂସ୍କୃତିକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ମାନସ ରଞ୍ଜନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଡ଼. ସୁରେନ୍ଦ୍ର ନାଥ ପାଣିଗ୍ରାହୀ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବେ ମଦନ ମୋହନ ପ୍ରଧାନ ଉପସ୍ଥିତ ଥିଲେ। ଅଧାପକ ଡ଼. ଅଶୋକ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଡ଼. ସୁରେନ୍ଦ୍ର ନାଥ ପାଣିଗ୍ରାହୀ ଓଡ଼ିଆ ଭାଷାର ପ୍ରାଚୀନତା, ଗୁରୁତ୍ୱ, ଜଗନ୍ନାଥ ସଂସ୍କୃତିର ଐତିହ୍ୟ ଏବଂ ପରମ୍ପରା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧାପକ ଗଣନାଥ ନାୟକ ସଭା ପରିଚାଳନା କରିଥିବା ବେଳେ ବିଭୀଷଣ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।




## ନୂତନ ଅଧକ୍ଷଙ୍କ ଦାୟିତ୍ୱ ଗ୍ରହଣ

**ଭଞ୍ଜନଗର, ୨୪ ।୧(ସମିସ):** ଭଞ୍ଜନଗର ଠାରେ ଥିବା କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ନୂତନ ଅଧକ୍ଷ ଭାବେ ଡ଼. ବିମଳ ଚରଣ ସ୍ୱାଇଁ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଶ୍ରୀ ସ୍ୱାଇଁ ଭୁବନେଶ୍ୱର ସ୍ଥିତ ନଳିନୀ ଦେବୀ ମହିଳା ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ସହଯୋଗୀ ପ୍ରଫେସର ଭାବେ କାର୍ଯ୍ୟ କରୁଥିଲେ। ଏଠାରେ ଗତ ୬ମାସ ହେଲା ଅଧକ୍ଷ ପଦ ଖାଲି ଥିବାବେଳେ ଭାରପ୍ରାପ୍ତ ଅଧକ୍ଷ ଭାବେ ଡ଼. ଦିଲ୍ଲୀପ କୁମାର ଖୁଣ୍ଟିଆ ଦାୟିତ୍ୱ ତୁଲାଇ ଆସୁଥିଲେ।



## ଜଗନ୍ନାଥ ସଂସ୍କୃତି ଆଲୋଚନାଚକ୍ର



**ଭଞ୍ଜନଗର, ୨୪ ।୧(ସମିସ):** ସ୍ଥାନୀୟ ସାବିତ୍ରୀ ମହିଳା ମହାବିଦ୍ୟାଳୟରେ ଓଡିଆ କଳା ସଂସ୍କୃତି ଓ ଜଗନ୍ନାଥ ସଂସ୍କୃତି ସମ୍ବନ୍ଧୀୟ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଓ ବକ୍ତା ଭାବେ ମଦନ ମୋହନ ମହାପାତ୍ର ଯୋଗଦେଇଥିଲେ। ଅଧକ୍ଷ ଡଃ ସୁଶାନ୍ତ କୁମାର ମଲ୍ଲିକଙ୍କ ଅଧକ୍ଷତା କରିଥିଲେ। ସୁପ୍ରଭା ବେହେରା ଅତିଥି ସ୍ୱାଗତ କରିଥିଲେ ଓ ନୋଡାଲ ଅଫିସର ଅମୂଲ୍ୟ ଶତପଥୀ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଉଭୟ ଯୁକ୍ତ ଦୁଇ ଓ ଯୁକ୍ତ ତିନିର ସମସ୍ତ ଛାତ୍ରୀଙ୍କ ଅଂଶଗ୍ରହଣ କରିବା ସହ ଜୟଲକ୍ଷ୍ମୀ ରଥ, ପୁଷ୍ପା ପଟ୍ଟନାୟକ, ସୁବାସିନୀ ଦେବୀ, ସଂଯୁକ୍ତା ପ୍ରଧାନ, ସନ୍ଧ୍ୟା ପ୍ରଧାନ, ଶ୍ରୀୟା ପ୍ରଧାନ, ମୋନାଲିସା, ପଙ୍କଜ ଦାସ, ବିରଞ୍ଚି ଆଚାର୍ଯ୍ୟଙ୍କ ସମେତ ସମସ୍ତ ଅଧାପକ ଅଧାପିକା ସହଯୋଗ କରିଥିଲେ।

## ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଶୁଭାରମ୍ଭ

**ଆସିକା, ୨୪ ।୧(ସମିସ):** ଆସିକା ବିଧାନସଭା ନିର୍ବାଚନମଣ୍ଡଳୀର ବଡ଼ଖୋଲି ପଞ୍ଚାୟତର ବିଭିନ୍ନ ଗାଁରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଧାୟିକା ମଞ୍ଜୁଳା ସ୍ୱାଇଁ ଘରକୁ ଘର ବୁଲି ଶଙ୍ଖ ଚିହ୍ନକୁ ଲଗାଇବା ସହ ରାଜ୍ୟ ସରକାରଙ୍କ ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ। ଗଞ୍ଜାମ ଜୋନ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ମନୋଜ ଦୋରା, ତନ୍ମୟୀ ନାହାକ, ଜିଲ୍ଲା ସମ୍ପାଦକ ଅଭିମନ୍ୟୁ ନାହାକ, ଭେଟନଈ ସରପଞ୍ଚ ନମିତା ଜେନା ଯୁବ ନଗର ସଭାପତି ଜିତେନ୍ଦ୍ର ମହାରଣା, ବ୍ଲକ ସଭାପତି ରାଜେଶ ପଟ୍ଟନାୟକ, ଟୁଲୁ ଜେନା, ବିଜୟ ନାହାକଙ୍କ ସମେତ ସରପଞ୍ଚ, ସମିତି ସଭ୍ୟ ଓ ଯୁବ ଛାତ୍ର ଉପସ୍ଥିତ ଥିଲେ।



# ୧୭ କିଲୋ ଗଞ୍ଜେଇ ଜବତ; ୩ ଗିରଫ

ବ୍ରହ୍ମପୁର,୨୪।୧(ସମିସ): ସ୍ଥାନୀୟ ଗଣିଆନାଳ ଛକ ନିକଟରେ ୩ଜଣ ଯୁବକଙ୍କ ନିକଟରୁ ୧୭କିଲୋ ଗଞ୍ଜେଇ ଜବତ ହୋଇଛି। ଗଞ୍ଜେଇ ଚାଲାଣ ଅଭିଯୋଗରେ ଅବକାରୀ ଭ୍ରାମ୍ୟମାଣ ସଂସ୍ଥା ପକ୍ଷରୁ ଗଜପତି ଜିଲ୍ଲାର ରେମିଜ ଲିମା,ମିହିର ଲିମା ଓ ଅନନ୍ତ ନାୟକଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଜବତ ଗଞ୍ଜେଇ ଗଜପତି ଜିଲ୍ଲା ମୋହନାରୁ ବ୍ରହ୍ମପୁର ଦେଇ ଭୁବନେଶ୍ୱର ଚାଲାଣ ହୋଇଥାନ୍ତା ବୋଲି ଅବକାରୀ ବିଭାଗ ଜେରା ବେଳେ ଜାଣିବାକୁ ପାଇଛି। ସୂଚନା ଅନୁସାରେ ବୁଧବାର ବ୍ରହ୍ମପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥା ଦିଗପହଣ୍ଡି ରାସ୍ତାରେ ଯାନବାହନ ଯାଞ୍ଚ କରୁଥିଲେ। ଦିଗପହଣ୍ଡି ପଟୁ ଆସୁଥିବା ଏକ ଘରୋଇ ବସକୁ ଉକ୍ତ ଟିମ ଯାଞ୍ଚ କରିଥିଲେ। ଯାଞ୍ଚବେଳେ ୩ଜଣ ଯୁବକଙ୍କ ନିକଟରୁ ମୋଟ ୧୭କିଲୋ ଗଞ୍ଜେଇ ଜବତ ହୋଇଥିଲା। ପରେ ସେମାନଙ୍କୁ ଗିରଫ କରାଯାଇଥିଲା। ଏହି ଚଢ଼ାଉରେ ଅବକାରୀ ବିଭାଗ ଅଧିକାରୀ ମନୀଷା ଭୋଳ ଓ ଅନିତା ପ୍ରଧାନଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

# ପୂର୍ବ ଶତ୍ରୁତା
# ବିଚ୍ ରାସ୍ତାରେ ଯୁବକକୁ ହାଣିଲେ ଦୁର୍ବୃତ୍ତ

ବ୍ରହ୍ମପୁର,୨୪।୧(ସମିସ)



ସ୍ଥାନୀୟ ସୁକୁଣ୍ଡା ଛକ ସ୍ଥିତ କାଶିଆ ଦେଉଳ ଛକ ନିକଟରେ ଜଣେ ଯୁବକକୁ ଦିନ ଦ୍ୱିପହରରେ ଦୁର୍ବୃତ୍ତମାନେ ମାରଣାନ୍ତକ ଆକ୍ରମଣ କରିଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାସ୍ଥଳ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଛି। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ ହୋଇଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ସୂଚନାଯୋଗ୍ୟ ଯେ, ଅନ୍ତେଇ ନୁଆ ନାୟକ ସାହିର ସୁନୀଲ ନାୟକ ସକାଳ ସାଢେ ୯ଟା ବେଳେ କୌଣସି କାମରେ ବ୍ରହ୍ମପୁର ଆସୁଥିବା ବେଳେ ସ୍ଥାନୀୟ କାଶିଆ ଦେଉଳ ଛକ ନିକଟରେ କିଛି ଦୁର୍ବୃତ୍ତ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର ଦୁର୍ବୃତ୍ତମାନେ ଖଣ୍ଡା ଓ କାଠଫାଳିଆରେ ଅନିଲକୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଯାହା ଫଳରେ ସୁନୀଲ ଗୁରୁତର ଆହତ ହୋଇଥିଲେ। ଖବରପାଇ ସୁନୀଲଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ସୁନିଲକୁ ଉଦ୍ଧାର କରି ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେପଟେ ଦିଗପହଣ୍ଡି ଓ ସଦରଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ସୁନିଲଙ୍କ ବାଇକ ଓ ଆକ୍ରମଣରେ ବ୍ୟବହୃତ ଗୋଟିଏ କାଠଫାଳିଆକୁ ଜବତ କରିଥିଲା। ସଦର ଏସଡ଼ିପିଓ ଶିବଶଙ୍କର ମହାପାତ୍ର ଓ ତାଙ୍କ ଟିମ ଘଟଣାସ୍ଥଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଥିବା ଜଣାପଡିଛି। ସୁନିଲ ନାୟକ ଗୋଷ୍ଠୀ ଓ ତାଙ୍କ ବିରୋଧୀ ଗୋଷ୍ଠି ମଧ୍ୟରେ ପୂର୍ବରୁ ଶତ୍ରୁତା ରହିଥିବା ପୁଲିସ ତଦନ୍ତରେ ଜଣାପଡିଛି। ଖୁବଶୀଘ୍ର ଏହି ଘଟଣାର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଏସଡ଼ିପିଓ ଶିବଶଙ୍କର ମହାପାତ୍ର କହିଛନ୍ତି।

**ଦିନ ଦ୍ୱିପହରରେ ସର୍ବସମ୍ମୁଖରେ ବୁଲିଲା ଖଣ୍ଡା**

# ଗୌଡ଼ଗୋଠ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉଚ୍ଚ ପ୍ରଶଂସିତ




ବ୍ରହ୍ମପୁର,୨୪।୧(ସମିସ): ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇବାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହିକ୍ରମରେ ଗଞ୍ଜାମ ଜିଲ୍ଲାର ଅନେକ ସ୍ୱାସ୍ଥ୍ୟକେନ୍ଦ୍ର ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ଅଧିନରେ ପରିଚାଳିତ ହେଉଥିବା ବେଳେ ଆଉ କିଛି ସହଭାଗିତାରେ ଚାଲିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରେ ସୋରଡ଼ା ବ୍ଲକ ଅନ୍ତର୍ଗତ ଗୌଡ଼ଗୋଠ ପ୍ରାଥମିକ ସ୍ୱାସ୍ଥ୍ୟନେନ୍ଦ୍ର ରାଜ୍ୟସ୍ତରରେ ଉଚ୍ଚ ପ୍ରଶଂସିତ ହୋଇଛି। ପାର୍ଟନରସିପ ମାଧ୍ୟମରେ ସୁଫଳ ପରିଚାଳନା ଲାଗି ପୁରସ୍କାର ପ୍ରଦାନ କରାଯାଇଛି। ଭୁବନେଶ୍ୱରଠାରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ଏଡ଼ିପିଏଚ୍ଓ (ପରିବାର କଲ୍ୟାଣ) ଡ଼ାକ୍ତର ଭି ସିରୋଜିନୀ ଦେବୀ, ଡ଼ିଏମଆରସିଏଚ୍ ଶକ୍ତି କୁମାର ଦିଗାଲ, ପିପିଇ କୋଡ଼ିଟେନର ସୁଧିର କାନ୍ତ ବେହେରା ଓ ଗୌଡ଼ଗୌଠ ସ୍ୱାସ୍ଥ୍ୟକେନ୍ଦ୍ରର ଡ଼ା ପ୍ରେମାନନ୍ଦ ତ୍ରିପାଠୀ, ଡ଼ାକ୍ତର ସୁରେଶ ସାମନ୍ତ ଓ ମେଡ଼ିକାଲ ଟିମ ଉପସ୍ଥିତ ରହି ଏହି ପୁରସ୍କାର ଗ୍ରହଣ କରିଥିଲେ। ପାଟର୍ନର ସିପରେ ସ୍ୱାସ୍ଥ୍ୟକେନ୍ଦ୍ର ଭଲ କାମ କରିବା, ପିଏଚସି ମ୍ୟାନେଜମେଣ୍ଟରେ ଅଧିକ ସୁବିଧା ଯୋଗାଇବା, ମଦେର କେୟାର ସର୍ଭିସରେ ଭଲ ପ୍ରଦର୍ଶନ କରିବା ଆଦିକୁ ଦୃଷ୍ଟିରେ ରଖି ପ୍ରଶଂସା ସାଉଁଟିଥିବା ସୂଚନା ମିଳିଛି।

# ୩ୟ ଆନ୍ତଃରାଜ୍ୟସ୍ତରୀୟ ଟେନିସ୍ ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ



ବ୍ରହ୍ମପୁର,୨୪।୧(ସମିସ): ସ୍ଥାନୀୟ ଗୋଷାଣିନୂଆଗାଁ କେ.ସି. ହାଇସ୍କୁଲ ଖେଳପଡିଆରେ କେ.ସି. ଇଲେଭେନ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୩ୟ ଆନ୍ତଃରାଜ୍ୟସ୍ତରୀୟ ଟେନିସ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ବୁଧବାର ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ମିଡିଆ ଏକାଦଶ ବନାମ କେ.ସି. ଇଲେଭେନ ଭେଟେରେନ ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। କେ.ସି ଭେଟେରେନ ଇଲେଭେନ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂର ନିଷ୍ପତ୍ତି ନେଇଥିଲେ। ନିର୍ଦ୍ଧାରିତ ୧୨ଓଭରରେ ୯ଟି ୱିକେଟ ବିନିମୟରେ ମୋଟ ୧୨୭ରନ କରିଥିଲେ। ଦଳ ପକ୍ଷରୁ ଡି. ଲିଙ୍ଗରାଜୁ ୧୦ବଲରୁ ସର୍ବାଧିକ ବ୍ୟକ୍ତିଗତ ଦ୍ରୁତ ୩୬ରନ ସଂଗ୍ରହ କରିଥିଲେ। ମିଡିଆ ଏକାଦଶ ପକ୍ଷରୁ ବୋଲିଂରେ ମନୋଜ କୁମାର ପଣ୍ଡା ୩ଓଭର ବୋଲିଂ କରି ୨୮ରନ ବିନିମୟରେ ୩ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ମିଡିଆ ଏକାଦଶ ପକ୍ଷରୁ ୧୨ଓଭର ଖେଳି ୯ଟି ୱିକେଟ ହରାଇ ମାତ୍ର ୧୧୯ରନ କରି ପରାସ୍ତ ହୋଇଥିଲେ। ଦଳ ପକ୍ଷରୁ ଗୌରୀ ଶଙ୍କର ମିଶ୍ର ସର୍ବାଧିକ ବ୍ୟକ୍ତିଗତ ୨୭ରନ କରିଥିଲେ। କେ.ସି. ଭେଟେରେନ ଇଲେଭେନ ଦଳ ପକ୍ଷରୁ ବୋଲିଂରେ ଅମୀୟ ଦାସ ୨ଓଭର ବୋଲିଂ କରି ୧୨ରନ ବିନିମୟରେ ୩ଟି ୱିକେଟ ଅକ୍ତିଆର କରିଥିଲେ। ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚକୁ କେ.ସି ଇଲେଭେନ ଭେଟେରେନ ଦଳ ୯ରନରେ ବିଜୟ ଲାଭ କରିଥିଲା। ଏହି ମ୍ୟାଚରେ କେ.ସି ଇଲେଭେନ ଦଳର ପକ୍ଷରୁ ଡ଼ି. ଲିଙ୍ଗରାଜୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ। ଅମ୍ପାୟର ଭାବେ ଅଭିଷେକ ନାୟକ ଓ ଆଦିତ୍ୟ ନାରାୟଣ ପାଢ଼ୀ ମ୍ୟାଚ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଜଗନ୍ନାଥ ଚୌଧୁରୀ ସହଯୋଗ କରିଥିଲେ। ଖେଳ ଶେଷରେ ମୁଖ୍ୟଅତିଥି ଭାବେ ଅମୀୟ କୁମାର ଦାସ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେ.ସି ଇଲେଭେନ କ୍ରିକେଟ କ୍ଲବର ସଭାପତି ବରେଶ ମହାପାତ୍ର, ବିଜୟ ପଟ୍ଟନାୟକ, ଲିପନ ପାଣିଗ୍ରାହୀ, ହରିହର ପାଢ଼ୀ, ସହ ସମ୍ପାଦକ ବଳରାମ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଗୁରୁବାର ପ୍ରଥମ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ବ୍ରହ୍ମପୁର ଲାଇନ୍ସ ଇଲେଭେନ ବନାମ ଖୋର୍ଦ୍ଧା ୟୁନାଇଟେଡ଼ ବ୍ରଦର୍ସ ମଧ୍ୟରେ ଅନୁଷ୍ଠିତ ହେବ।

# ‘ତନିଷ୍କ’ର ପ୍ରଥମ ଏକ୍ସକ୍ଲୁସିଭ ସୋ ରୁମ୍ ‘ମିଆ’ ଉଦ୍‌ଘାଟିତ

ବ୍ରହ୍ମପୁର,୨୪।୧(ସମିସ): ତନିଷ୍କ'ର ମିଆ ସୋରୁମ ବ୍ରହ୍ମପୁରରେ ଉଦ୍ଘାଟିତ ହୋଇଯାଇଛି। ବ୍ରହ୍ମପୁରରେ ଏହା ପ୍ରଥମ ସୋରୁମ ହୋଇଥିବା ବେଳେ ରାଜ୍ୟର ୪ର୍ଥ ସୋରୁମ ଏବଂ ପୂର୍ବାଞ୍ଚଳର ୨୨ତମ ସୋରୁମ ବୋଲି ଜଣାପଡିଛି। ସ୍ଥାନୀୟ ଅର୍ବାନ ବ୍ୟାଙ୍କ ରୋଡରେ ଏହି ସୋରୁମକୁ ଟାଇଟନ' କମ୍ପାନୀର ଆଞ୍ଚଳିକ ବ୍ୟବସାୟିକ ପ୍ରବନ୍ଧକ ଅଲୋକ ରଂଜନ ଓ ଫ୍ରାଞ୍ଚାଇଜ ପାର୍ଟନର ଅଶୋକ କୁମାର ଲୋହିୟା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମିଆ ଓ ତନିଷ୍କର ପରିଚାଳକ ଉପସ୍ଥିତ ଥିଲେ। ମଧ୍ୟବିତ୍ତ ପରିବାର ଲୋକଙ୍କ ପାଇଁ ଏହି ବ୍ରାଣ୍ଡର ଗହଣା ବେଶ ଆଦୃତ ହେବ ବୋଲି କମ୍ପାନୀ ପକ୍ଷରୁ ଦାବି କରାଯାଇଛି। ଆକର୍ଷଣୀୟ କାରିଗରୀ ସହିତ ବିଭିନ୍ନ ଡିଜାଇନର ସବୁପ୍ରକାରର ଗହଣା ଏଠାରେ ଉପଲବ୍ଧ ହେବ। ୧୪କ୍ୟାରେଟ ଠାରୁ ଆରମ୍ଭ କରି ୧୮କ୍ୟାରେଟ ସୁନାର ଅଳଙ୍କାର ସ୍ୱଳ୍ପମୂଲ୍ୟରେ ଉପଲବ୍ଧ ହେବ। ୨୯୯୯ଟଙ୍କା ମୂଲ୍ୟରୁ ଆରମ୍ଭ କରି ଏହି ମିଆ ବ୍ରାଣ୍ଡରେ ୧୫ଶହ ପ୍ରକାର ଡିଜାଇନର ଅଳଙ୍କାର ଉପଲବ୍ଧ। ସୋରୁମ ଉଦ୍‌ଘାଟନ ଅବସରରେ ଗ୍ରାହକଙ୍କ ପାଇଁ ଆଗାମୀ ୫ଦିନ ପର୍ଯ୍ୟନ୍ତ ଶତକଡା ୨୦ପ୍ରତିଶତ ରିହାତି ସୁଯୋଗ ରହିଥିବା କହିଛନ୍ତି ସୋରୁମ ମାଲିକ ତଥା ଫ୍ରାଞ୍ଚାଇଜ ପାର୍ଟନର ଅଶୋକ କୁମାର ଲୋହିୟା।




# ସହୀଦ ଲକ୍ଷ୍ମଣ ନାୟକ ସ୍ମୃତି ପୌର ହାଇସ୍କୁଲ୍‌ର ବାର୍ଷିକ ଉତ୍ସବ



ବ୍ରହ୍ମପୁର,୨୪।୧(ସମିସ): ସ୍ଥାନୀୟ ସହୀଦ ଲକ୍ଷ୍ମଣ ନାୟକ ସ୍ମୃତି ପୌର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗ ଦେଇଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଯୋଗଦେଇ ସରକାରଙ୍କ ପକ୍ଷରୁ ବିଦ୍ୟାଳୟର ଉନ୍ନତିକରଣ ସମେତ ବିଦ୍ୟାର୍ଥୀଙ୍କ ଶିକ୍ଷାର ବିକାଶ ସମ୍ପର୍କିତ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଏହା ସହ ଭଲ ପାଠପଢି ଭବିଷ୍ୟତ ଗଠନ ଦିଗରେ ମନୋନିବେଶ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓଡିଶା କାଜୁ ନିଗମ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ମହାରଣା, କର୍ପୋରେଟର ସଂଜିତ କୁମାର ପାଣିଗ୍ରାହୀ, ସୁରେନ୍ଦ୍ର ମହାରଣା, ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା ଯୋଗ ଦେଇଥିଲେ। ସେହିପରି ଅନ୍ୟତମ ଅତିଥି ଭାବେ ଅବସର ପ୍ରାପ୍ତ କ୍ରୀଡ଼ାଶିକ୍ଷକ କେଦାରନାଥ ଚୌଧୁରୀ, ଶାନ୍ତିଲତା ଦେବୀ, ଅଶୋକ ପାଢ଼ୀ, ଦିଗାମ୍ବର ପ୍ରଧାନ, ସୁବିଧା ସୁବୁଦ୍ଧି ଓ ମଲ୍ଲିକାର୍ଜୁନ ବେବର୍ତ୍ତା ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ସିଏମସି ସଭାପତି ନୀଳାଦ୍ରି ବିହାରୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସବିତା ପଣ୍ଡା, ସୁଜାତା ଚୌଧୁରୀ, ରାଧାନାଥ ପାଢ଼ୀ, ସୂର୍ଯ୍ୟନାରାୟଣ ବେହେରାଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ବିନାୟକ ଆଚାର୍ଯ୍ୟ କଲେଜରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ




ବ୍ରହ୍ମପୁର,୨୪।୧(ସମିସ): ସ୍ଥାନୀୟ ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କ୍ରୀଡା ଓ ଯୁବସେବା ବିଭାଗର ନୂଆ-ଓ ଅନ୍ତର୍ଗତ ଚାଲିଥିବା ଜାତୀୟ ଆଲୋଚନା ଚକ୍ର ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ବୁଧବାର ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ପ୍ରମିଳା ଖାଡଙ୍ଗାଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ସମ୍ପର୍କରେ ଆଲୋଚନା ହୋଇଥିଲା। ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଛତ୍ରପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ.ପ୍ରମୋଦ କୁମାର ଦ୍ୱିବେଦି ଯୋଗଦେଇ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଡ.ସନ୍ତୋଷ ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଡ.ସଦାନନ୍ଦ ନାୟକ ଏବଂ କନିଷ୍ଠ ମହାବିଦ୍ୟାଳୟ ପଲାସା, ଆନ୍ଧ୍ରପ୍ରଦେଶର ଅଧ୍ୟାପକ ତପନ କୁମାର ଜେନାଙ୍କ ସମେତ ମହାବିଦ୍ୟାଳୟର ପ୍ରାଶାସନିକ ଅଧିକାରୀ ଡ.ଆନନ୍ଦ ସେଠୀ ଓ ଡ.ସୁଶାନ୍ତ କୁମାର ପରିଡା ମଞ୍ଚାସୀନ ଥିଲେ। ନୋଡାଲ ଅଫିସର ଡ.ରବୀନ୍ଦ୍ର କୁମାର ପଣ୍ଡା ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଡ.ଶାରଦା ପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ନାଟ୍ୟଗୁରୁ ରଙ୍କନିଧି ବେହେରା ସଭପତିତ୍ୱ କରିଥିବା ବେଳେ ନିମନ୍ତ୍ରିତ ଗବେଷକ ଓ ଅଧ୍ୟାପକ ଅଧ୍ୟାପିକାମାନେ ପ୍ରବନ୍ଧ ପାଠ କରିଥିଲେ। ଉଦଯାପନୀ ଉତ୍ସବରେ ବିଭିନ୍ନ ସାହିତ୍ୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗଙ୍ଗାଧର ବେହେରା, ଶଙ୍କର ପ୍ରସାଦ ମହାପାତ୍ର, ଡ.ସୁଧାନନ୍ଦ ମହାରଣାଙ୍କ ସହ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ଥିଲେ।

# ଜିଲ୍ଲା ସମବାୟ ସଂଘର ପରିଚାଳନା ପରିଷଦ ବୈଠକ

ବ୍ରହ୍ମପୁର,୨୪।୧(ସମିସ): ଗଞ୍ଜାମ ଜିଲ୍ଲା ସମବାୟ ସଂଘର ପରିଚାଳନା ପରିଷଦ ବୈଠକ ସଭାପତି କୈଳାସ ଚନ୍ଦ୍ର ରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି। ବ୍ରହ୍ମପୁର ସହକାରୀ ନିବନ୍ଧକ ସମବାୟ ସମୂହ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ସମବାୟ କ୍ଷେତ୍ରରେ ବିଭିନ୍ନ ଉନ୍ନତୀମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସଂଘର ଅଫିସ ଗୃହ ପାଇଁ ସମସ୍ତ ଆର୍ଥିକ ଅନୁଦାନ ସମବାୟ ସମିତିମାନଙ୍କୁ ଅନୁରୋଧ କରିବା ଲାଗି ନିଷ୍ପତି ନିଆଯାଇଥିଲା। ଏହି ସଂଘର ନାମକରଣ ବୃହତ୍ତର ଗଞ୍ଜାମ ଓ ଗଜପତି ସମାବୟ ସଂଘରେ ନାମରେ ନାମିତ କରିବାକୁ ପ୍ରସ୍ତାବ ଗୃହିତ ହୋଇଥିଲା। ବୈଠକରେ ବିଭାଗୀୟ ବ୍ରହ୍ମପୁର ଉପ-ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ଦାଶ, ସରକାରୀ ନିର୍ଦ୍ଦେଶକ ପର୍ଶୁରାମ ପାତ୍ର, ମୁଖ୍ୟ ଉପଦେଷ୍ଟା ରାମ ମୋହନ ପାତ୍ର ଉପସ୍ଥିତ ରହି ସମବାୟ ଶିକ୍ଷା ଓ ପ୍ରସାର କାର୍ଯ୍ୟ କିପରି ତ୍ୱରାନ୍ୱିତ ହେବ ସେନେଇ ପରାମର୍ଶ ଦେଇଥିଲେ। ଏ ଅବସରରେ ଆଞ୍ଚଳିକ କମିଟି ଗଠିତ ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଦସ୍ୟ ଭାବେ ସଚ୍ଚିଦାନନ୍ଦ ରାଉତ, ସୂର୍ଯ୍ୟକାନ୍ତ ପରିଡ଼ା, ଅଜୟ ମହାରଣା, ବୃନ୍ଦାବନ ଖଟେଇ, କାଳୁ ଚରଣ ପ୍ରଧାନ, ସୀମାଞ୍ଚଳ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଘର ସଂଘର ସମ୍ପାଦକ ଡ଼ି କ୍ରିଷ୍ଣାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।



## ଆଜିଠୁ ଗୋପାଳପୁର ବେଳାଭୂମି ମହୋତ୍ସବ, ଉତ୍ସାହିତ ଯୁବବର୍ଗ

# ଆଭାସୀରେ ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ

ବ୍ରହ୍ମପୁର,୨୪।୧(ସମିସ)



ଗୁରୁବାରଠାରୁ ଆରମ୍ଭ ହେବ ପ୍ରସିଦ୍ଧ ଗୋପାଳପୁର ବେଳାଭୂମି ମହୋତ୍ସବ। ଏହି ମହୋତ୍ସବ ଆସନ୍ତା ୨୮ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏନେଇ ପ୍ରସ୍ତୁତିକୁ ଚୂଡ଼ାନ୍ତ ରୂପ ଦିଆଯାଉଛି। ଗଞ୍ଜାମ ଜିଲ୍ଲା ପ୍ରଶାସନ ଓ ବ୍ରହ୍ମପୁର ପୁଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା ଅନୁଧ୍ୟାନ କରାଯାଉଛି। ବର୍ଷକୁ ଥରେ ଆୟୋଜିତ ହେଉଥିବା ଏହି ମହୋତ୍ସବ ଲାଗି ଗଞ୍ଜାମ ଜିଲ୍ଲା ସମେତ ଚାରିଆଡ଼େ ଉତ୍ସାହ ଦେଖାଦେଇଛି। ଚଳିତବର୍ଷ ପଲ୍ଲୀଶ୍ରୀ ମେଳା ଓ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ ସାଜିବ ବୋଲି କୁହାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀରେ ବାର୍ତ୍ତା ଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ ବୋଲି ଗଞ୍ଜାମ ଜିଲ୍ଲା ପରିଷଦର ସିଡ଼ିଓ ଭି କିର୍ତ୍ତିଭାସନଙ୍କ ସୂତ୍ରରୁ ଜଣାପଡ଼ିଛି। ସେହିପରି ଉତ୍ସବରେ ଗଞ୍ଜାମ ଜିଲ୍ଲାର ମନ୍ତ୍ରୀ, ବିଧାୟକ, ବିଧାୟିକାମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିଭଳି ପ୍ରଥମ ଦିନରେ ମୁଖ୍ୟ ଆକର୍ଷଣ ହେଉଛନ୍ତି ସୋନାମ ପୁରୀ ଟିମ ଓ ବ୍ୟାଣ୍ଡ। ଏଥିଲାଗି ଯୁବାବର୍ଗଙ୍କ ମଧ୍ୟରେ ଉତ୍ସାହ କହିଲେ ନସରେ। ବଡ଼ ବଡ଼ ଷ୍ଟାରଙ୍କ ମୁଖରୁ ଗୀତ ଶୁଣିବା ଲାଗି ସମସ୍ତେ ଏକ ଚିତ୍ତରେ ଅପେକ୍ଷା କରିଛନ୍ତି। ସେହିଭଳି ଉଦ୍‌ଘାଟନୀ ଉତ୍ସବରେ ଗଞ୍ଜାମର ଲୋକକଳା ଓ ଓଡ଼ିଶୀ, ଭାରତନାଟ୍ୟମ ଭଳି ବିଭିନ୍ନ ନୃତ୍ୟ ମଧ୍ୟ ଆଞ୍ଚଳିକ କଳାକାରଙ୍କ ଦ୍ୱାରା ପରିବେଷଣ କରାଯିବ। ଏଣେ ଗହଳି ଦୃଷ୍ଟିରୁ ଲୋକଙ୍କ ସୁରକ୍ଷାକୁ ବ୍ରହ୍ମପୁର ପୁଲିସ ପକ୍ଷରୁ ପ୍ରାଥମିକତା ଦିଆଯାଇଛି। ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସୁରକ୍ଷା ବ୍ୟବସ୍ଥା ପ୍ରତି କଡ଼ା ଗୁରୁତ୍ୱ ଦିଆଯାଇଛି। ବେଳାଭୂମି ଓ ଗୋପାଳପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ୧୦ପ୍ଲାଟୁନ ପୁଲିସ ଫୋର୍ସ ମୂତୟନ ରହିବେ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ସେହଭଳି ସମଗ୍ର ମହୋତ୍ସବ ଅଞ୍ଚଳ ସିସିଟିଭି କ୍ୟାମେରା ଅଧିନରେ ରହିବ। ପୁଲିସ ପକ୍ଷରୁ କଣ୍ଟ୍ରୋଲ ରୁମ ମଧ୍ୟ ସ୍ଥାପିତ ହୋଇଛି। ଦୁଇ ଚକିଆ ଓ ଚାରିଚକିଆ ଯାନବାହନ ପାର୍କିଂ ଲାଗି ସ୍ୱତନ୍ତ୍ର ସ୍ଥାନରେ ବ୍ୟବସ୍ଥା କରାଯାଇଛି। ଗହଳିକୁ ଦୃଷ୍ଟିରେ ରଖି ପୁଲିସ ସମସ୍ତ ସ୍ଥାନରେ ଆଗୁଆ ସଜାଗ ରହିଛି। ଶାନ୍ତି ଶୃଙ୍ଖଳାର ସହିତ କିଭଳି ଗୋପାଳପୁର ବେଳଭୂମି ମହୋତ୍ସବ ସମାପନ ହେବ ସେଥିଲାଗି ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଅନ୍ୟପକ୍ଷରେ ପଲ୍ଲୀଶ୍ରୀ ମେଳାରେ ୩୦୦ରୁ ଉଦ୍ଧ୍ୱର୍ ଷ୍ଟଲ ପଡ଼ିବ। ଏଥିରେ ଗଞ୍ଜାମ ଜିଲ୍ଲାର ସମେତ ଜିଲ୍ଲା ଓ ରାଜ୍ୟ ବାହାରୁ ମଧ୍ୟ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସାମିଲ ରହିବେ। ସେହିଭଳି ବିଭିନ୍ନ ବିଭାଗର ଷ୍ଟଲ ସହିତ ଚଟପଟି ଖାଦ୍ୟ ଭଣ୍ଡାର ମଧ୍ୟ ପଲ୍ଲୀଶ୍ରୀ ମେଳାରେ ସ୍ଥାନ ପାଇବ। ବୁଧବାର ସନ୍ଧ୍ୟାରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ତଦାରଖ କରିଥିବା ସୂଚନା ମିଳିଛି।

- ପ୍ରଥମ ଦିନରେ ଧୁମ୍ ମଚାଇବେ ସୋନାମ ବ୍ୟାଣ୍ଡ
- ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି, ମୁତୟନ ରହିବେ ୧୦ପ୍ଲାଟୁନ ପୁଲିସ
- ସିସିଟିଭି ଓ କଣ୍ଟ୍ରୋଲ ରୁମ୍ ସ୍ଥାପିତ, ପାର୍କିଂ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା

# ଆଇଜର ବ୍ରହ୍ମପୁର ପକ୍ଷରୁ ୪ର୍ଥ ପର୍ଯ୍ୟାୟ ‘ଯୁବସଙ୍ଗମ’

ବ୍ରହ୍ମପୁର,୨୪।୧(ସମିସ): କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ନୂତନ ଶିକ୍ଷାନୀତି ପ୍ରଣୟନ ହେବା ପରଠାରୁ ପ୍ରତିବର୍ଷ ଯୁବସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସେହିପରି ଚଳିତବର୍ଷ ୪ର୍ଥ ଯୁବ ସମାଗମ ଫେବୃଆରୀ ୧୦ରୁ ମାର୍ଚ୍ଚ ୧୫ତାରିଖ ମଧ୍ୟରେ ଆୟୋଜିତ ହେବ। ଚଳିତ ଥର ଓଡ଼ିଶା ରାଜ୍ୟ ପାଇଁ ନୋଡାଲ ଶିକ୍ଷାନୁଷ୍ଠାନ ଭାବେ ଆଇଜର ବ୍ରହ୍ମପୁରକୁ ଚୟନ କରାଯାଇଛି। ସେହିପରି ଓଡ଼ିଶାର ସହଭାଗିତା ରାଜ୍ୟ ଭାବେ ହିମାଞ୍ଚଳପ୍ରଦେଶକୁ ମନୋନୀତ କରାଯାଇଛି। ଏହି କାର୍ଯ୍ୟକ୍ରମ ଏକ ଭାରତ-ଶ୍ରେଷ୍ଠ ଭାରତ ଅଧିନରେ ଆୟୋଜିତ ହେଉଅଛି। ଏହା ମାଧ୍ୟମରେ ଉଭୟ ରାଜ୍ୟର କଳା, ସଂସ୍କୃତି, ପରମ୍ପରା, ପର୍ଯ୍ୟଟନ, ପ୍ରଗତି, ପ୍ରଯୁକ୍ତି ଓ ପରସ୍ପର ସମ୍ପର୍କର ଆଦାନ ପ୍ରଦାନ ହୋଇପାରିବ। ଏହାକୁ ନେଇ ରାଜ୍ୟର ୩୦ଗୋଟି ଜିଲ୍ଲାରୁ ବିଭିନ୍ନ ବର୍ଗକୁ ନେଇ ୧୮ରୁ ୪୦ବର୍ଷ ବୟସ ମଧ୍ୟରେ ଥିବା ୪୫ଜଣ ଯୁବକ ଓ ଯୁବତୀଙ୍କୁ ଆଇଜର ପକ୍ଷରୁ ଚୟନ କରାଯିବ। ଏନେଇ ଇଚ୍ଛୁକ ଯୁବକଯୁବତୀମାନେ ଚଳିତମାସ ୨୫ତାରିଖରୁ ଫେବୃଆରୀ ୪ତାରିଖ ମଧ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ୱେବସାଇଟ (ଇବିଏସବି.ଏଆଇସିଟିଇ-ଇଣ୍ଡିଆ. ଓଆରଜି)ରେ ଆବେଦନ କରିପାରିବେ। ଏହାକୁନେଇ ବିଭିନ୍ନ ବର୍ଗର ଯୁବକଯୁବତୀଙ୍କୁ ଚୟନ କରାଯିବ। ଚିହ୍ନଟ ଯୁବକଯୁବତୀ ଏକ ସପ୍ତାହ ପାଇଁ ହିମାଞ୍ଚଳପ୍ରଦେଶ ଏକ୍ସପୋଜର ଭିଜିଟରେ ଯିବା ସହିତ ସେଠାକାର ପରମ୍ପରା, ପର୍ଯ୍ୟଟନ, ପ୍ରଗତି, ପ୍ରଯୁକ୍ତି ଓ ପରସ୍ପର ସମ୍ପର୍କକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରିବେ। ଏହା ସହିତ ସେଠାକାର ସାଧାରଣ ପରିବାରରେ ସେମାନେ ନିଜେ ଗୋଟିଏ ଦିନ ଅତିବାହିତ କରିବେ। ଯାହା ଦ୍ୱାରା ସେଠାକାର ଲୋକଙ୍କ ଜୀବନ ଜୀବିକା ବିଷୟରେ ଓଡିଶାର ଯୁବକଯୁବତୀମାନେ ଜ୍ଞାନ ଆହରଣ କରିପାରିବେ। ଏହି ସମୟ ମଧ୍ୟରେ ସେମାନେ ସେଠାକାର କଳକାରଖାନା, ଜୈବ ବିବିଧତା, ଶିକ୍ଷାନୁଷ୍ଠାନ, ବିଜ୍ଞାନାଗାର ପରି ବିଭିନ୍ନ ସ୍ଥାନ ପରିଭ୍ରମଣ କରିବେ। ଚଳିତ ବର୍ଷ ଏହି ଯୋଜନାରେ ଦେଶର ମୋଟ ୨୨ଗୋଟି ରାଜ୍ୟ ସାମିଲ ହୋଇଛି। ଏହି କାର୍ଯ୍ୟକ୍ରମ ଉଭୟ ରାଜ୍ୟର ଯୁବକଯୁବତୀମାନଙ୍କୁ ପରସ୍ପର ସହଭାଗିତା ସହ କଳା, ସଂସ୍କୃତି, ପରମ୍ପରା, ପର୍ଯ୍ୟଟନର ପ୍ରଚାର ପ୍ରସାରରେ ସହଯୋଗ ହେବ ବୋଲି ଆଇଜର ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ଗାଙ୍ଗୁଲି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡିନ ପ୍ରଫେସର ବିଶ୍ୱାସରାୟ ଚୌହାନ, ଆସିଷ୍ଟାଣ୍ଟ ଡିନ ପ୍ରଭାତ ପରିଡ଼ା ମଞ୍ଚାସିନ ରହିଥିବା ବେଳେ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର କେ ମଞ୍ଜୁନାଥ, ମଦନ ମୋହନ ପାଢ଼ୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



## ସୁନା ଦୋକାନ ଉପରେ ଜିଏସ୍‌ଟି ଚଢ଼ଉ

# ଭୟରେ ଅନ୍ୟ ସୁନା ଦୋକାନ ବନ୍ଦ, ପିକ୍‌ଅପ୍ ଭ୍ୟାନ୍‌କୁ ଜରିମାନା

ଫୁଲବାଣୀ, ୨୪।୧(ସମିସ)



ଫୁଲବାଣୀ ସହର ଦିନେଶ ଜୁଏଲରି ଦୋକାନ ଉପରେ ଜିଏସଟି ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା। ରାୟଗଡ଼ା-ଫୁଲବାଣୀ ଡିଭିଜନ ସହକାରୀ କମିଶନର ଟିମ୍ ସହ ଆସି ଏହି ଚଢ଼ାଉ କରିଥିଲେ। ସୁନା ଗହଣା ଯାଞ୍ଚ କରିବା ସହ କାଗଜ ପତ୍ର ଯାଞ୍ଚ କରିଥିଲେ। ଏଥିସହ ସୁନା ଓଜନ ମଧ କରି ଦେଖିଥିଲେ। ପ୍ରାୟ ଦୁଇ ଘଣ୍ଟା ଧରି ଚଢ଼ଉ କରିଥିବା ବେଳେ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିଲା ଏହି ଟିମ। କେତେ ସୁନା ଓ ରୁପା ଦୋକାନରେ ଥିଲା ତାହାର ହିସାବ କରିବ ଏହି ଟିମ। ଏହି ଚଢ଼ଉ ଦେଖି ଅନ୍ୟ ସୁନା ଦୋକାନ ଗୁଡ଼ିକ ବନ୍ଦ୍ ରଖିଥିଲେ। ତେବେ ଜିଏସଟି ଚଢ଼ଉ ବେଳେ ଅନ୍ୟ ସୁନା ଦୋକନ ଗୁଡ଼ିକ ବନ୍ଦ୍ ରହିବା ନେଇ ସନ୍ଦେହ ସୃଷ୍ଟି କରୁଛି। ଅନ୍ୟାନ୍ୟ ଦୋକାନ ଗୁଡିକ ମଧ ଗ୍ରାହକ ଙ୍କୁ ଜିଏସଟି ବିଲ ଦେଉନଥିବା ବେଳେ ବିନା ଟ୍ୟାକ୍ସ ରେ ବେଆଇନ ସୁନା କାରବାର ହେଉଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ସୁନା ଦୋକାନ ମାଲିକଙ୍କୁ ନେଇ ଗୁପ୍ତରେ ପଚରା ଉଚରା କରୁଥିବା ବେଳେ, ଦୋକାନୀ ବିରୋଧରେ ଆଗରୁ ଅଭିଯୋଗ ହୋଇଥିବା ଜିଏସଟି ଡେପୁଟି କମିଶନର ଅର୍ଜୁନ ଶବର କହିଛନ୍ତି। ଅନ୍ୟପକ୍ଷେରେ ବେଆଇନ ସାମଗ୍ରୀ ବୋଝେଇ ଏକ ପିକଅପ ଭ୍ୟାନକୁ ଜବତ କରିବା ସହ ଟିକସ ଫାଙ୍କୁ ଥିବାଥିବାରୁ ୮୨ହଜାର ଟଙ୍କା ଜୋରିମାନା କରିଥିଲା ଏହି ଟିମ।

## ବିଭିନ୍ନ ଭତ୍ତା ବୃଦ୍ଧି ପାଇଁ ରାଲି ଓ ଦାବିପତ୍ର ପ୍ରଦାନ




ଫୁଲବାଣୀ, ୨୪।୧(ସମିସ): ଦିନକୁ ଦିନ ବଜାର ଦର ହୁହୁ ବଢୁଥିବା ବେଳେ ସରକାରଙ୍କ ବିଭିନ୍ନ ସହାୟତା ଯୋଜନାରେ ବୃଦ୍ଧି କରାଯାଇ ନାହିଁ। ଫଳରେ ଏହା ଲୋକଙ୍କ ପ୍ରକୃତ ସହାୟତାରେ ଆସୁନାହିଁ। ଅନ୍ୟ ରାଜ୍ୟ ମାନଙ୍କରେ ବିଧବା, ଭିନ୍ନକ୍ଷମ, ବାର୍ଦ୍ଧକ୍ୟ ଭତ୍ତା ଆମ ରାଜ୍ୟ ଠାରୁ ଯଥେଷ୍ଟ ଅଧିକ ରହିଛି। କିନ୍ତୁ ଓଡ଼ିଶାରେ ବାରମ୍ବାର ଦାବୀ ସତ୍ତ୍ୱେ ଏହା ଆଜି ପର୍ଯ୍ୟନ୍ତ ମାତ୍ର ୫ଶହ ଟଙ୍କାରେ ସୀମିତ ରହିଛି। ଅପରପକ୍ଷେ, ସମସ୍ତ ଭତ୍ତା ଆଜିକାଲି ବ୍ୟାଙ୍କ ଖାତାକୁ ଆସୁଥିବାରୁ ଲୋକେ ଅନେକ ଅସୁବିଧାର ସମ୍ମୁଖିନ ହେଉଛନ୍ତି ବୋଲି ଅଭିଯୋଗ କରିଛି ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ, ଅବିବାହିତ ଭତ୍ତା ସଙ୍ଗଠନ। ଗ୍ରାମାଞ୍ଚଳର ଅଶିକ୍ଷିତ ଲୋକଙ୍କ ଏ ସମ୍ପର୍କରେ କୌଣସି ଜ୍ଞାନ ନ ଥିବାରୁ ସେମାନେ ଅନେକ ସମୟରେ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ସମସ୍ତ ପ୍ରକାର ଭତ୍ତାକୁ ୨ ହଜାର ଟଙ୍କାକୁ ବୃଦ୍ଧି କରିବା ସହ ବ୍ୟାଙ୍କ ଆକାଉଣ୍ଟ ପରିବର୍ତ୍ତେ ନଗଦ ଆକାରରେ ଦେବା ପାଇଁ ଦାବି କରାଯାଇଛି। ବୁଧବାର ଏ ଉପଲକ୍ଷେ ଫୁଲବାଣୀରେ ଏକ ରାଲିର ଆୟୋଜନ କରାଯାଇଥିଲା। ବହୁ ସଂଖ୍ୟାରେ ପୁରୁଷ ଓ ମହିଳା ହିତାଧିକାରୀ ସ୍ଥାନୀୟ ମାଦିକୁନ୍ଦା ଛକ ଠାରୁ ଏକ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିବା ପରେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ପୂର୍ବତନ ସରପଞ୍ଚ ତଥା ସଙ୍ଗଠନର ସଭାପତି ଗୀତାଞ୍ଜଳୀ କହଁରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ଜଳନ୍ଧର କହଁର ଓ ରେଶମା ଦିଗାଲଙ୍କ ସହ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ।

## ଭାଷା ସାହିତ୍ୟ ସୃଜନଶୀଳତା ଉତ୍ସବ



ସାନଖେମୁଣ୍ଡି, ୨୪।୧(ସମିସ): ସାନଖେମୁଣ୍ଡି ବ୍ଲକ କଙ୍କୋରଡ଼ା ସ୍ଥିତ ନେହୁରୁ ବହୁମୁଖି ବିଦ୍ୟାପୀଠ ପକ୍ଷରୁ ଓଡ଼ିଆ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବରେ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ମୋ କଥା ମୋ କାହାଣୀ ଶୀର୍ଷକ କାର୍ଯ୍ୟକ୍ରମରେ ପ୍ରଦର୍ଶନୀ ମାଧମରେ ଛାତ୍ରଛାତ୍ରୀମାନେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଶିଷ୍ଠ ସାହିତ୍ୟିକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ବିଜୟ କୁମାର ପଟ୍ଟନାୟକ, ହରିହର ପାଢ଼ୀ, କବି ବିନାୟକ ଦାଶ, ଗୋଦାବରୀ ସାସମଲ, ପୂର୍ବତନ ସମିତିସଭ୍ୟ ପ୍ରତାପଚନ୍ଦ୍ର ପ୍ରଧାନ, ପି ସରୋଜ କୁମାର ସୁବୁଦ୍ଧି, ଏ ଜଗନ୍ନାଥ ଅଚାରୀ, ସାମାଜିକ କର୍ମୀ ଉମାକାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମଧରେ ଭାଷା ସାହିତ୍ୟ ସୃଜନୀ ଶକ୍ତିର ବିକାଶ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷକ ଦିଗାମ୍ବର ରଣା, କିଶୋର କୁମାର ରାଉତ, ସୁଶାନ୍ତ କୁମାର ମିଶ୍ର, ଶିକ୍ଷୟିତ୍ରୀ ଧରିତ୍ରୀ ମିଶ୍ର, ଲିପଲିନ ପାତ୍ର, ମିତା ସାହୁ, ବ୍ରହ୍ମଶ୍ରୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସ୍ୱୟଂସହାୟକ ଗୋଷ୍ଠୀ ତାଲିମ ଶିବିର

ସୋରଡ଼ା, ୨୪।୧(ସମିସ): ସୋରଡ଼ା ଏନଏସି ତରଫରୁ ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କୁ ନେଇ ମୁକ୍ତା ଯୋଜନା ସମ୍ବନ୍ଧରେ ତାଲିମ ଦିଆଯାଉଛି। ଏହି ଶିବିର ଚଳିତ ମାସ ୨୦ରୁ ଆସନ୍ତା ମାସ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଦ୍ୱିତୀୟ ପର୍ଯ୍ୟାୟରେ ବୁଧବାର ପାରିଷଦର ସମ୍ମିଳନୀ କକ୍ଷରେ ୨ନଂ ୱାର୍ଡର ୯ଟି ସ୍ୱୟଂ ସହାୟିକା ଗୋଷ୍ଠୀରୁ ୩୦ ଜଣ ସଭ୍ୟଙ୍କୁ ନେଇ ମୁକ୍ତା କାର୍ଯ୍ୟକ୍ରମ ସଂଯୋଜକଙ୍କ ସହାୟତାରେ ମାଷ୍ଟର ଟ୍ରେନର ମାନଙ୍କ ଦ୍ୱାରା ତାଲିମ ଶିବିର ଅନୁଷ୍ଠିତ କରାଗଲା। କାର୍ଯ୍ୟକ୍ରମରେ ଭିଡିଓ କନ୍‌ଫରେନ୍ସ ମଧମରେ ଯୁଗ୍ମ ସଚିବ ଓଡ଼ିଶା ସରକାର ଗୃହ ଓ ଉନ୍ନୟନ ନଗର ବିଭାଗ ତଥା ମୁକ୍ତା ଯୋଜନା ନୋଡାଲ ଅଫିସର୍ ସାରଦା ପଣ୍ଡା ଏବଂ ପ୍ରକଳ୍ପ ନିର୍ଦ୍ଦେଶକ ଗଞ୍ଜାମ ଭିଡିଓ କନଫେରେନ୍ସ ମାଧମରେ ଯୋଗଦାନ କରି ସ୍ୱୟଂ ସହାୟିକା ଗୋଷ୍ଠୀ ମା ମାନଙ୍କୁ କାର୍ଯ୍ୟ ଦକ୍ଷତା ବିଷୟରେ ଜଣାଇଥିଲେ। କାର୍ଯ୍ୟକ୍ରମରେ ସୋରଡା ପୌର ପରିଷଦ ଅଧ୍ୟକ୍ଷ ଶିବ ଶଙ୍କର ପଣ୍ଡା, ଉପାଧ୍ୟକ୍ଷା ଭାଗ୍ୟଲତା ଡାକୁଆ, କାର୍ଯ୍ୟନିର୍ବାହୀ ଅଧିକାରୀ ଦୁତିକୃଷ୍ଣ ପାତ୍ର ତାଲିମ ଶିବର ଆରମ୍ଭ କରିଥିଲେ, ମୁକ୍ତା କାର୍ଯ୍ୟକ୍ରମ ସଂଯୋଜକ ଯୋତିନ୍ଦ୍ର କୁମାର ତ୍ରିପାଠୀ ସଂଯାଯୋନା କରିଥିଲେ। ପ୍ରଦୀପ କୁମାର ପଣ୍ଡା, ମୁକେଶ କୁମାର ବେହେରା, ବିକାଶ କୁମାର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## ବାଳିକା ହାଇସ୍କୁଲର ବାର୍ଷିକ କ୍ରୀଡ଼ା

ବୁଗୁଡା, ୨୪।୧(ସମିସ): ସ୍ଥାନୀୟ ଶ୍ରୀବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟର ୬୧ତମ ବାର୍ଷିକ କ୍ରୀଡା ଉତ୍ସବ ପିପୁଲ୍ସ ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ମହାରଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଇଓ ଚିନ୍ମୟ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଏବିଇଓ ତପସ୍ୱିନୀ ସାହୁ ଓ ସିଆରସିସି କିରଣବାଳା ତ୍ରିପାଠୀ ଯୋଗ ଦେଇଥିଲେ। ସ୍ଥାନୀୟ ବଳଦେବ ମନ୍ଦିରରୁ କ୍ରୀଡା ଜ୍ୟୋତି ଆସି ଉତ୍ସବ ସ୍ଥଳରେ ପହଞ୍ଚିବା ପରେ ମୁଖ୍ୟ ଅତିଥିଙ୍କ ଦ୍ୱାରା କ୍ରୀଡା ପତାକା ଉତ୍ତୋଳନ ସହ ସାମୁହିକ ଶପଥ ପାଠ କରାଯାଇଥିଲା। ପରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା। କ୍ରୀଡା ଶିକ୍ଷକ ଅମୀୟ ରଞ୍ଜନ ଭୂୟାଁ ଓ ବିଶ୍ୱେଶ୍ୱର ଗିରି ପ୍ରତିଯୋଗିତା ପରିଚାଳନା କରିଥିଲାବେଳେ ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ।

## ଦ ପ୍ଲାନେଟ୍ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ

ରମ୍ଭା, ୨୪।୧(ସମିସ): ସ୍ଥାନୀୟ ପାଲୁର ଜଙ୍କସନ ଠାରେ ଦିବ ପ୍ଲାନେଟ ପବ୍ଲିକ ସ୍କୁଲର ତୃତୀୟ ବାର୍ଷିକ ଉତ୍ସବ ଶିକ୍ଷକ ଦାମୋଦର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ବରିଷ୍ଠ ସାମ୍ବାଦିକ ସୁଦର୍ଶନ ଛୋଟରାୟ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷକ ବିଷ୍ଣୁ ନାରାୟଣ ଜେନା, ସମ୍ମାନିତ ଅତିଥି ପ୍ରଧାନ ଶିକ୍ଷକ ଅଶୋକ କୁମାର ପାଢ଼ୀ, ଗଞ୍ଜାମ ବ୍ଲକର ସହ ଶିକ୍ଷାଧିକାରୀ ବିଜୟ କୁମାର ବେହେରା, ସରପଞ୍ଚ ସସ୍ମିତା ବେହେରା, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଇଂରାଜୀ ଶିକ୍ଷକ ସନ୍ତୋଷ କୁମାର ଦଳବେହେରା, ଶିକ୍ଷକ ନିରଞ୍ଜନ ମୁଦୁଲି ଉପସ୍ଥିତ ରହିଥିଲେ। ଅନୁଷ୍ଠାନ ନିର୍ଦ୍ଦେଶକ ବୃନ୍ଦାବନ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧକ୍ଷ ବୁନାସୁର ଧନ୍ୟବାଦ ପ୍ରଦାନ କରିଥିଲେ।

## ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ



ଛତ୍ରପୁର, ୨୪।୧(ସମିସ): ଛତ୍ରପୁର ବ୍ଲକ ଅନ୍ତର୍ଗତ ବିପୁଲିଙ୍ଗି ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ବିପୁଲିଙ୍ଗି ସରପଞ୍ଚ ହିନା ସେଠିଙ୍କ ସଭାପତିତ୍ୱ ଏବଂ ଯୁବ ନେତା ସୁରେଶ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ବିଷୟରେ ଲୋକଙ୍କୁ ସଚେତନ କରିଥିଲେ। ଛତ୍ରପୁର ବିଡିଓ ସୁଶାନ୍ତ କୁମାର ବରାଳ, ଜିଲ୍ଲା ପରିଷଦ ସଭ୍ୟା ଛବିତା ବେହେରା, ବିପୁଲିଙ୍ଗି ସମିତି ସଭ୍ୟା ଗୋଲାପ ପ୍ରଧାନ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ମୁନା ଦାସ, ଛତ୍ରପୁର ବ୍ଲକ ବିଜେଡି ସଭାପତି ପ୍ରବାସୀ ପ୍ରଧାନ, ଛତ୍ରପୁର ବ୍ଲକ ଯୁବ ବିଜେଡି ସଭାପତି ସୁବାସ ଚନ୍ଦ୍ର ନାହାକ, ପୂର୍ବତନ ସମିତିସଭ୍ୟ ଏନ. ଦୁର୍ଯ୍ୟୋଧନ ରେଡ୍ଡୀ ଓ ଜୟଦେବ ଲେଙ୍କା, ସୁନ୍ଦରପୁର ସରପଞ୍ଚ ଗଗନ ବେହେରା, ସମିତି ସଭ୍ୟା ସୁଜ୍ଞାନୀ ସେଠୀ, ଟାଙ୍ଗଣାପଲ୍ଲୀ ସରପଞ୍ଚ ବି.ସୁଦାମ, ପୋଟଲାମପୁର ସରପଞ୍ଚ ନିରଞ୍ଜନ ପ୍ରଧାନ, ସମିତିସଭ୍ୟ ଶମ୍ଭୁନାଥ ସ୍ୱାଇଁ, ମହାନାଦପୁର ସରପଞ୍ଚ ରବୀନ୍ଦ୍ର ରାଉଳ, ଶ୍ରୀରାମଚନ୍ଦ୍ରପୁର ସମିତି ସଭ୍ୟ ଏସ. ଚକ୍ରପାଣି ରେଡ୍ଡୀ, ବଉଳଗାଁ ସମିତି ସଭ୍ୟ ରାମ ପରିଡ଼ା, ଯୁବ ନେତା କିଶୋର ବେହେରା, ବି. ଚନ୍ଦ୍ରମଣି ପାତ୍ର, ଅଭିରାମ ପ୍ରଧାନ, କାମରାଜୁ ଖୁଣ୍ଟିଆ, ସୂର୍ଯ୍ୟ ପ୍ରଧାନ, ଲକ୍ଷ୍ମଣ ସେଠୀ, ହେମନ୍ତ ନାହାକଙ୍କ ସମେତ ବହୁ ଜନପ୍ରତିନିଧି ଏବଂ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ମାନେ ଯୋଗଦେଇଥିଲେ।

## ନେତାଜୀ ଓ ସୁରେନ୍ଦ୍ର ସାଏ ଜୟନ୍ତୀ



ଭଞ୍ଜନଗର, ୨୪।୧(ସମିସ): ୧୨୭ତମ ନେତାଜୀ ସୁବାସ ଚନ୍ଦ୍ର ବୋଷ ଓ ୨୧୫ତମ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନର ପ୍ରାସଙ୍ଗିକତା ଶୀର୍ଷକ ଏକ ଆଲୋଚନାଚକ୍ର ସ୍ଥାନୀୟ ବାଉଁଶ ଲୁଣ୍ଠି ରାଧାକୃଷ୍ଣ ପାଠାଗାରରେ ଅବସର ପ୍ରାପ୍ତ ଶିକ୍ଷକ ନିରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଅବସରପ୍ରାପ୍ତ ଅଧକ୍ଷ ସନ୍ତୋଷ କୁମାର ଆପଟ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଗୋପାଳକୃଷ୍ଣ ଲେଙ୍କା, ମୁଖ୍ୟବକ୍ତା ରୂପେ ଶିକ୍ଷାବିତ ଉମା ବଲ୍ଲଭ ପାଟଯୋଶୀ ରଥଶର୍ମା ଯୋଗ ଦେଇଥିଲେ। ଶିଳ୍ପ ଓ ଶିକ୍ଷା ସଦାବେଳେ ସରକାରୀ ବ୍ୟବସ୍ଥାର ପରିଚାଳନା ଦାୟିତ୍ୱ ରହିବା ନେତାଜୀଙ୍କ ଦୃଷ୍ଟିଭଙ୍ଗୀ ଥିଲା। ଅଧିକନ୍ତୁ ଏ ସମସ୍ତ ଲକ୍ଷ୍ୟ ହାସଲ ପାଇଁ ଏକ ଯୋଜନା କମିଟି ଆବଶ୍ୟକତାକୁ ହୃଦବୋଧ କରିଥିଲେ ତା ସହିତ ଧର୍ମ ନିରେପକ୍ଷ, ସମାଜବାଦୀ ରାଷ୍ଟ୍ର ଓ ବିଜ୍ଞାନ ଭିତ୍ତିକ ଶିକ୍ଷାର ପ୍ରସାର ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବୋଲି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଦ୍ମଚରଣ ପ୍ରଧାନ, କବି ତଥା ସାହିତ୍ୟିକ ପ୍ରଶାନ୍ତ ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ବନମାଳି ଲେଙ୍କା ଓ ଭଞ୍ଜନଗର ବାର ଆସୋସିଏସନ୍ ସଭାପତି ଅଭିମନ୍ୟୁ ଗୌଡ଼ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରସନ୍ନ ପ୍ରଧାନ, ଭଞ୍ଜ କିଶୋର ପ୍ରଧାନ, ପଞ୍ଚାନନ ସାହୁ, ଜୟରାମ ଗୌଡ଼, ଦିବାକର ପ୍ରଧାନ, ଅବସର ପ୍ରାପ୍ତ ଶିକ୍ଷକ ରମାରଞ୍ଜନ ସାହୁ, ଉଲ୍ଲା ସେଠୀ, ସନିଆ ପ୍ରଧାନ, ତ୍ରିଲୋଚନ ପ୍ରଧାନ, ଅଶୋକ ଆଚାର୍ଯ୍ୟ, ସୁରେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ଶିକ୍ଷକ ସୁବାସ ଚନ୍ଦ୍ର ପାଢ଼ୀଙ୍କ ଦ୍ୱାରା ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ବିଷୟରେ ଲିଖିତ ପୁସ୍ତିକା ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଭଞ୍ଜକିଶୋର ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

## ଅଗ୍ନି ଦୁର୍ଘଟଣା ଜନିତ ସୁରକ୍ଷା ପ୍ରଶିକ୍ଷଣ



ଭଞ୍ଜନଗର, ୨୪।୧(ସମିସ): ଭଞ୍ଜନଗର ବ୍ଲକ କୁଲାଡ କବିସମ୍ରାଟ ବିଦ୍ୟାପୀଠ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ କୁମୁଦ ଚନ୍ଦ୍ର ବାଡତ୍ୟାଙ୍କ ପୌରାହିତ୍ୟରେ ଅଗ୍ନି ଏବଂ ବନ୍ୟା ଜଳରେ ଦୁର୍ଘଟଣା ଜନିତ ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିପଦର ବନ୍ଧୁ ଓଡ଼ିଶା ଓ ରୋଟାରି କ୍ଲବ ଭଞ୍ଜନଗରର ସଦସ୍ୟ ମାନଙ୍କ ସହଯୋଗରେ ଭଞ୍ଜନଗର ଅଗ୍ନିଶମ କେନ୍ଦ୍ର ଅଧିକାରୀ ସମୀର କୁମାର ବିଶ୍ୱାଳଙ୍କ ସହ ୫ଜଣିଆ ଅଗ୍ନି ବିଭାଗ କର୍ମଚାରୀ ମାନେ ଛାତ୍ରଛାତ୍ରୀ ମାନଙ୍କୁ ଅଗ୍ନି ଏବଂ ବନ୍ୟାଜଳ ଦୁର୍ଘଟଣା ବେଳର ବିଭିନ୍ନ ପଦକ୍ଷେପ ଉପରେ ଡ୍ରାମା ମାଧମରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଗୌରି ନନ୍ଦନ ହୋତା, ଦିବାକର ପାତ୍ର, ରୋଟାରିଆନ ପ୍ରଦ୍ୟୁମ୍ନ କୁମାର ମଲ୍ଲିକ, ଦିଲ୍ଲୀପ କୁମାର ପାତ୍ର ସମସ୍ତ ଶିକ୍ଷକ ଓ ବିପଦର ବନ୍ଧୁ ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଟ୍ରେନ୍ ଧକ୍କାରେ ଯୁବକ ଗୁରୁତର



ଖଲ୍ଲିକୋଟ, ୨୪।୧(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ କେଶପୁର ନିକଟସ୍ଥ ଫାସିଡି ଠାରେ ଟ୍ରେନ ଧକ୍କାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଫାସିଡି ରେଳ ଲାଇନ କଡ଼ରେ ବୁଧବାର ଅପରାହ୍ନ ସାଢେ ଗୋଟାଏରୁ ଦୁଇଟା ମଧ୍ୟରେ ଜଣେ ଯୁବକ ବୁଲାବୁଲି କରୁଥିବା ବେଳେ ଏକ ଟ୍ରେନ ଧକ୍କା ଦେଇଥିଲା। ଟ୍ରେନ ଧକ୍କାରେ ଛିଟିକି ପଡ଼ି ଯୁବକ ଜଣକ ଗୁରୁତର ଭାବେ ଆହତ ହୋଇଥିଲେ। ଆହତ ଯୁବକ ଜଣକ ସିଙ୍ଗଡାପଲ୍ଲୀ ଗ୍ରାମର ବନମାଳୀ ପାତ୍ର(୨୩) ବୋଲି ଜଣାପଡ଼ିଛି। ଅଗ୍ନିଶମ କର୍ମଚାରୀ ପହଞ୍ଚି ଆହତକୁ ଉଦ୍ଧାର କରି ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

## ଦୁର୍ଘଟଣାରେ ବାଇକ ଚାଳକ ଗୁରୁତର

ଶେରଗଡ଼, ୨୪।୧(ସମିସ): ବୁଧବାର ସନ୍ଧ୍ୟାରେ ଟ୍ରାକ୍ଟର ଏବଂ ବାଇକ ଧକ୍କା ହେବା ଫଳରେ ବାଇକ ଚାଳକ ଗୁରୁତର ହୋଇଥିବା ବେଳେ ଟ୍ରାକ୍ଟର ଚାଳକ ଆହତ ହୋଇଛନ୍ତି। ଆସିକା ଥାନା ଅନ୍ତର୍ଗତ ଚଢେୟାପଲ୍ଲୀ ଗ୍ରାମର ସୁବାଷ ଜେନା (୩୪) ଶଶୁର ଘର ଶେରଗଡ଼ ଥାନା ଧନନ୍ତର ପଞ୍ଚାୟତ ଅନ୍ତର୍ଗତ ଲାଞ୍ଜିଆପଲ୍ଲୀ ଗ୍ରାମକୁ ଆସିଥିଲେ। ସନ୍ଧ୍ୟାରେ ସେ କୌଣସି କାମ ଲାଗି ଶେରଗଡ଼ ସହରକୁ ବାଇକରେ ଆସୁଥିବା ବେଳେ ତାକରଡା କେନାଲ ନିକଟରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସୁବାଷ ଗୁରୁତର ଆହତ ହୋଇଥିଲେ। ସୁବାଷଙ୍କୁ ସ୍ଥାନୀୟ ଲୋକେ ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ତାଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ଟ୍ରାକ୍ଟର ଡ୍ରାଇଭରକୁ ଉଦ୍ଧାର କରି ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ଦୁର୍ଘଟଣାର ଶିକାର ଦୁଇ ଗାଡିକୁ ଜବତ କରିଛି। ଘଟଣା ଲେଖା ହେବା ବେଳକୁ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଜଣାପଡ଼ିଛି।

## ଓଡ଼ିଆ ଭାଷା ସାହିତ୍ୟ ସମ୍ମିଳନୀ

କୋଦଳା, ୨୪।୧(ସମିସ): ଦୀର୍ଘଦିନ ଧରି ଚାଲିଥିବା ଜଗନ୍ନାଥ ସଂସ୍କୃତି ଉପରେ ପର୍ଯ୍ୟବେକ୍ଷିତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦଯାପିତ ହୋଇଯାଇଛି। କୋଦଳା ଲକ୍ଷ୍ମୀନାରାୟଣ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ଦାତାରାମ ବିଷୋୟୀଙ୍କ ପୌରୋହିତ୍ୟରେ ନୂଆ -ଓ କାଯ୍ୟକ୍ରମ ଅଧିନସ୍ଥ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଉଦଯାପନୀ ଉତ୍ସବ ପାଳିତ ହୋଇଯାଇଥିବାବେଳେ ଏଥିରେ ମୁଖ୍ୟ ଅତିଥି ରୂପେ ଅବସରପ୍ରାପ୍ତ ଅଧକ୍ଷ ଡ଼. ବନମାଳୀ ପାଣିଗ୍ରାହୀ, ମୁଖ୍ୟବକ୍ତା ଡଃ . ଜଗନ୍ନାଥ ତ୍ରିପାଠୀ ଓ ପ୍ରାଧାପକ ହୃଷିକେଶ ପ୍ରହରାଜ ମଞ୍ଚାସିନ ରହି ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଛାତ୍ର /ଛାତ୍ରୀଙ୍କୁ ବିଶେଷ ସୂଚନା ପ୍ରଦାନ କରିଥିଲେ। ନୋଡାଲ ଅଫିସର ରୋହିତ କୁମାର ବାରିକ କାର୍ଯ୍ୟକ୍ରମର ଧାରା ବିବରଣୀ ପାଠ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇ ଶେଷରେ କୃତି ଛାତ୍ର/ଛାତ୍ରୀମାନଙ୍କୁ ଟ୍ରଫି ସହିତ ମାନପତ୍ର ପ୍ରଦାନ କରାଯାଇଥିଲା। ଅଧାପକ କାଳିନ୍ଦୀ ଚରଣ ଦାସ, ସମୀର ପରିଡ଼ା, ମୌସୁମୀ ମିଶ୍ର, ସାଗରିକା ଦାସ, ସନ୍ଧ୍ୟାରାଣୀ ତରାଇ, ପଞ୍ଚାନନ ଦାସ, ଆଶୁତୋଷ ପରିଡ଼ା ଓ ସମସ୍ତ ଅଣଶିକ୍ଷକ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ପ୍ରିୟଙ୍କା ସାହୁ ଧନ୍ୟବାଦ ଦେଇଥିଲେ।

## ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ

ଗଞ୍ଜାମ, ୨୪।୧(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରରେ ନିଃସହାୟ ବ୍ୟକ୍ତି ମାନଙ୍କୁ ଶୀତବସ୍ତ୍ର ଓ ଶାଢ଼ୀ ବଣ୍ଟନ କରାଯାଇଛି। ପଶ୍ଚିମବଙ୍ଗ ବେଲୁରୀ ମଠ ଦ୍ୱାରା ରାମକୃଷ୍ଣ ମଠ ପୁରୀ ସାହାଯତା ତଥା ସ୍ଥାନୀୟ ଶିକ୍ଷାନୁଷ୍ଠାନ ଆନୁକୂଲ୍ୟରେ ଅନୁଷ୍ଠାନର ସମ୍ପାଦକ ବଟକୃଷ୍ଣ ତ୍ରିପାଠୀଙ୍କ ତତ୍ତ୍ୱାବଧାନ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠତା ବିପ୍ରଚରଣ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଓଡ଼ିଶା ସମ୍ବାଦିକ ସଙ୍ଘ ରାଜ୍ୟ ମହିଳା ସବ କମିଟି ଆବାହିକା ବିଜୟଲକ୍ଷ୍ମୀ ମହାଙ୍କୁଡ଼, ମୁଖ୍ୟବକ୍ତା ଭାବେ ଓଜେୟୁ ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା, ସୁରେନ୍ଦ୍ର ନାଥ ପଟନାୟକ, ସାମ୍ବାଦିକ ନୀଳାଞ୍ଚଳ ସେନାପତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ବରିଷ୍ଠ ନାଗରିକ ମାନଙ୍କ ଶୁଖ ସମୃଦ୍ଧି କାମନା କରିବା ସହ ଶୀତବସ୍ତ୍ର ଓ ଶାଢ଼ୀ ବଣ୍ଟନ କରିଥିଲେ। ଉପ ପ୍ରଧାନ ଆଚାର୍ଯ୍ୟା ଅପରାଜିତା ରଥ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ରବୀନ୍ଦ୍ର କୁମାର ସ୍ୱାଇଁ, ସଞ୍ଜୟ କୁମାର ବେହେରା ସହଯୋଗ କରିଥିଲେ।

## ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ସ୍ମୃତିସଭା

ଗଞ୍ଜାମ, ୨୪।୧(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୋଇରାସୀ ପଞ୍ଚାୟତର ବିରୁଳି କାଇଁଚପୁର ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ ସ୍ୱର୍ଗତ ଦେବରାଜ ସାହୁଙ୍କ ଦ୍ୱାଦଶ ତିଥିରେ ଶୋକସଭା ପାଳିତ ହୋଇଛି। ଏଥିରେ ଗଞ୍ଜାମ ବ୍ଲକ ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ସନାତନ ବେହେରା, ପୋଇରକ୍ଷସୀ ସରପଞ୍ଚ ରବୀନ୍ଦ୍ରନାଥ ବେହେରା, ପୂର୍ବତନ ବ୍ଲକ ଅଧକ୍ଷ ସୁରଥ ପାହାନ, ପୂର୍ବତନ ସମିତି ସଭ୍ୟ କୈଳାସ ଚନ୍ଦ୍ର ସ୍ୱାଇଁ, ସମିତି ସଭ୍ୟ ଏସ. ରାମଚନ୍ଦ୍ର ରେଡ଼ି, ଗ୍ରାମ୍ୟ ସଭାପତି ସୁରେନ୍ଦ୍ର ପ୍ରଧାନ ପ୍ରମୁଖଙ୍କ ସହ ସେନା କର୍ମଚାରୀ ମାନେ ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ କରିଥିଲେ।

## ଗାଙ୍ଗପୁର ଅଞ୍ଚଳରେ ଚୋରଙ୍କ ପ୍ରାଦୁର୍ଭାବ

ବେଲଗୁଣ୍ଠା, ୨୪।୧(ସମିସ): ଗତ ଏକ ମାସ ହେବ ଗାଙ୍ଗପୁର ଥାନା ଅଞ୍ଚଳରେ ଚୋର ମାନଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ବିଭିନ୍ନ ସ୍ଥାନରୁ ରାତିରେ ଚୋର ମାନେ ବିଭିନ୍ନ ଉପାୟରେ ଚୋରି କରୁଛନ୍ତି ଓ କେଉଁଠି ତାଲା ଭାଙ୍ଗି ଚୋରି କରୁଛନ୍ତି ତ କେଉଁଠି ବାହାରେ ରଖା ଯାଇଥିବା, ମୋଟରସାଇକେଲ୍, ସ୍କୁଟି ଆଦି ଚୋରି କରୁଛନ୍ତି ଓ ତେଣୁ ଚୋରଙ୍କ କାର୍ଯ୍ୟକଳାପକୁ ରୋକିବା ଦିଗରେ ପୋଲିସ୍‌ର କଡ଼ା ପାଟ୍ରୋଲିଂ ପାଇଁ ଅଞ୍ଚଳବାସୀ ଦାବି କରୁଛନ୍ତି ଓ ଗତ ମାସ ୨୫ତାରିଖ ରାତ୍ରିରେ ଗାଙ୍ଗପୁର ଥାନା ଅନ୍ତର୍ଗତ ବିଞ୍ଚଣା ମୁଖ୍ୟ ସଡ଼କ ପାର୍ଶ୍ୱରେ ରହୁଥିବା ବିଜେଡି ଯୁବ ନେତା ତଥା ୪୮ ନମ୍ବର୍ ଜୋନ୍ ବିଜେଡ଼ି ଜିଲ୍ଲାପରିଷଦ ପ୍ରାର୍ଥୀ ପଞ୍ଚାନନ ନାୟକ ନିଜର ସ୍କୁଟିଟିକୁ ସବୁଦିନ ଭଳି ନିଜ ଘର ଆଗରେ ରଖି ଘରେ ଶୋଇଥିଲେ। ସେ ସକାଳୁ ଉଠି ନିଜ ସ୍କୁଟିଟିକୁ ଦିନ ସାରା ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବାପରେ ସ୍କୁଟି ଚୋରି ହୋଇଥିବା ନେଇ ଗାଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ ଓ ଆଜିକୁ ଏହି ଘଟଣାକୁ ପ୍ରାୟ ଏକ ମାସ ବିତିଯାଇଥିଲେ ମଧ୍ୟ ପୋଲିସ୍ ଚୋରଙ୍କ ଟେର୍ ପାଇପାରି ନାହିଁ ଓ ସେହିପରି ଗତ ରାତିରେ ଗାଙ୍ଗପୁର ଥାନା ଅନ୍ତର୍ଗତ ବଡ଼ ବୋର୍ସିଂ ପଂଚାୟତର ସାନ ବୋର୍ସିଂ ଗ୍ରାମରେ ଚାରି ଘରୁ ଚୋରି କରିବା ଘଟଣା ଲୋକଙ୍କୁ ଆତଙ୍କିତ କରିଛି ଓ ଚୋରମାନେ ମୁଖ୍ୟତଃ ତାଲା ପଡ଼ିଥିବା ଘର, ବୁଢ଼ାବୁଢ଼ୀ ରହୁଥିବା ଘର ଏବଂ କେବଳ ମହିଳା ରହୁଥିବା ଘରକୁ ଟାର୍ଗେଟ୍ କରୁଛନ୍ତି। ସେହିପରି ସେହି ରାତିରେ ଗ୍ରାମର ରଞ୍ଜନ ସ୍ୱାଇଁଙ୍କର ବାଡି ପଟ ଘର ତାଲା ଭାଙ୍ଗି ତିନୋଟି ନୂଆଁ ପ୍ୟାଣ୍ଟ୍, ଲୁଗାପଟା, ନଗଦ ଦୁଇ ହଜାର ଟଙ୍କା, ଦୁଇଟି ରୂପା ମୁଦି ନେଇଯିବା ସହ ଆସବାବପତ୍ର ଫୋପାଡ଼ି ଦେଇଛନ୍ତି ଓ ସେହିପରି ଗ୍ରାମର ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କର ସ୍ତ୍ରୀ ଏକା ଥିବା ଯୋଗୁଁ ସେ ଅନ୍ୟ ଜଣଙ୍କ ଘରେ ଶୋଇଥିଲେ ଓ ଏହାର ସୁଯୋଗ ନେଇ ଚୋରମାନେ ପୂର୍ଣ୍ଣଚନ୍ଦ୍ରଙ୍କର ଦାଣ୍ଡପଟ କବାଟ ଭାଙ୍ଗି ଗୋଡ଼ ମୁଦି, ଏକ ହଳ ପାଉଁଜି ସହିତ ସରାଗାତ ଭାଙ୍ଗି ନଗଦ ୧୮୫୦ ଟଙ୍କା ଚୋରି କରିନେଇଥିବା ପୂର୍ଣ୍ଣଚନ୍ଦ୍ରଙ୍କ ସମ୍ପର୍କୀୟ ପ୍ରକାଶ କରିଛନ୍ତି। ତେଣୁ ଚୋରଙ୍କ ପ୍ରାଦୁର୍ଭାବ ରୋକିବା ପାଇଁ ରାତି ପାଟ୍ରୋଲିଂ କଡ଼ାକଡି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଡୁମାକୁମ୍ପା ପଞ୍ଚାୟତର ଉନ୍ନତି ମୋର ଲକ୍ଷ୍ୟ: ଅର୍ଥମନ୍ତ୍ରୀ

ଭଞ୍ଜନଗର, ୨୪।୧(ସମିସ)



ଭଞ୍ଜନଗର ବ୍ଲକ ଡୁମାକୁମ୍ପା ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ତଥା ସ୍ଥାନୀୟ ଜନସାଧାରଣ କିଭଳି ସମସ୍ତ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ପାରିବେ ସେଥିପାଇଁ ଅହରହ ଉଦ୍ୟମ ଜାରି ରହିଛି। ବୁଧବାର ସ୍ଥାନୀୟ ବିଧାୟକ ତଥା ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏହି ପଞ୍ଚାୟତ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଉଦଘାଟନ କରିଥିଲେ। ପ୍ରଥମେ ଗ୍ରାମରେ ଏକ ଅଙ୍ଗନବାଡ଼ି କେନ୍ଦ୍ର ଓ ପରେ ୫୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପର ଉଦଘାଟନ କରିଥିଲେ। ଏହାପରେ ନୂଆ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ସହରାଞ୍ଚଳର ଜନସାଧାରଣ ଯେଉଁ ସମସ୍ତ ସୁବିଧା ସୁଯୋଗ ପାଉଛନ୍ତି ସେସବୁ ଗ୍ରାମାଞ୍ଚଳର ଲୋକମାନେ ମଧ କିପରି ପାଇପାରିବେ ସେଥିପ୍ରତି ରାଜ୍ୟସରକାର ସମସ୍ତ ସୁବିଧା ଯୋଗାଇ ଦେଉଛନ୍ତି। ସେହିପରି ଭଞ୍ଜନଗର ବଡ଼ କୋଦଣ୍ଡା ଛକ ରାସ୍ତା ଠାରୁ ଡ଼ହ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ନିମନ୍ତେ ୩୬କୋଟି ଟଙ୍କା ଅର୍ଥ ମଞ୍ଜୁର କରାଯାଇଛି। ଏହି ରାସ୍ତା ୧୮ଫୁଟ ଓସାରିଆ ହେବ ଏବଂ ରାସ୍ତାସାରା ଥିବା ପୁରୁଣା ପୋଲ ସ୍ଥାନରେ ନୂତନ ସେତୁ ନିର୍ମାଣ କରାଯିବ। ଏହି ଅଞ୍ଚଳର ବିକାଶ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ଆରୁଖ କହିଥିଲେ। ଭଞ୍ଜନଗର ବ୍ଲକ ସଭାପତି ରାଜେନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ନରୀସଭା ନାୟକ, ଜିଲ୍ଲା ପରିଷଦ ସଭ୍ୟ ଜିତେନ୍ଦ୍ର କେଶରୀ ଆରୁଖ, ସାଂସଦ ପ୍ରତିନିଧି ଦିବାକର ନାୟକ, ପଞ୍ଚାନନ ପାଳ, ଜିଲ୍ଲା ଉପସଭାପତି ରାଜ କୁମାର ସାହୁ, ବିଡିଓ ଶଶୀ ଭୂଷଣ ମହାପାତ୍ର, ସିଡିପିଓ ବିଷ୍ଣୁପ୍ରିୟା ସେଠୀ ଉପସ୍ଥିତ ରହି ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ଶୂଳପାଣି ଶତପଥୀ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ପୂର୍ବତନ ସରପଞ୍ଚ ମିଟୁ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

# ସାହିତ୍ୟ ସୃଜନୀ କାର୍ଯ୍ୟକ୍ରମ

**ଦିଗପହଣ୍ଡି,୨୪।୧(ସମିସ):** ଦିଗପହଣ୍ଡି ସ୍ଥିତ ବଡଖେମୁଣ୍ଡି ହାଇସ୍କୁଲ ପରିସରରେ ସାହିତ୍ୟ ସୃଜନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲ ପରିଚାଳନା କମିଟି ସଭାପତି ମେଣ୍ଢା ତ୍ରିନାଥଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଦିଗପହଣ୍ଡି ଏନଏସି ଅଧ୍ୟକ୍ଷ ପ୍ରଫୁଲ ପଣ୍ଡା ଯୋଗ ଦେଇଥିବା ବେଳେ



ସମ୍ମାନିତ ଅତିଥିଭାବେ ବିଇଓ କୋରେଶୁ ସେଠୀ ଯୋଗ ଦେଇଥିବାବେଳେ ଅନ୍ୟତମ ଅତିଥି ଭାବେ କାଉନସିଲର ସୁଶାନ୍ତ କୁମାର ପାତ୍ର ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଆଇନଜୀବୀ କୁରେଶୁ ପଣ୍ଡା ଯୋଗ ଦେଇ କୌଶଳୀ, ଜିଜ୍ଞାସା, ସାହିତ୍ୟ ସୃଜନୀ, କ୍ରୀଡାଙ୍ଗନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ପ୍ରଧାନ ଶିକ୍ଷକ କୋରା ପ୍ରସାଦ ଶତପଥୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଗୌରୀ ଶଙ୍କର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ହାଇସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ର ଉପସ୍ଥିତ ଥିଲେ।

# ନେତାଜୀ ଜୟନ୍ତୀ ପାଳିତ

**ରମ୍ଭା, ୨୪।୧(ସମିସ):** ସ୍ଥାନୀୟ କଲେଜ ଛକ ପାର୍ଶ୍ୱ ଆଖଣ୍ଡଳମଣି ମଣ୍ଡପ ପରିସରରେ ଆର ସୋମନାଥ ରେଡିଙ୍କ ସଭାପତିତ୍ୱରେ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। ଶ୍ରମିକ ନେତା ଜେ. ଭାସ୍କର ପାତ୍ର ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ସଭ୍ୟ ମାନଙ୍କୁ ନେତାଜୀ ସୁବାସ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏ ସ୍ମୃତିଚାରଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବି ଦଣ୍ଡପାଣି ପାତ୍ର, ଏ ରଘୁ, ଏନ ଡମ୍ବରୁ ଧର ପାତ୍ର, ଏ ଗଙ୍ଗା ପାତ୍ର, ଆଦିକା ରେଡି, ଜେ ଲୋକନାଥ ପାତ୍ର, ଏସ ସାକଲି, କେ ଗଣେଶ, ଆର ସୋର ଗେୟା, ସି ଆଇନା ପାତ୍ର, ଏମ ଜଗନ୍ନାଥ ପାତ୍ର, ବିଶ୍ୱଜିତ ପାତ୍ର, ଆଇ ସନ୍ୟାସୀ ପାତ୍ର, ଜେ ମାଧବ ପ୍ରମୁଖ ସାମିଲ ହୋଇଥିଲେ। ବାଉଁସିଆ ସରପଞ୍ଚ ନାରାୟଣ ବେହେରା, ଗଙ୍ଗାପୁର ସମିତି ସଭ୍ୟା ପ୍ରତିନିଧି ଭୋବନି ନାହାକ, ବୋରିସିଙ୍ଗି ସମିତିସଭ୍ୟା ଲିଲି ବେହେରା, ବାଲ୍ୟାସରା ସମିତିସଭ୍ୟା ମମତା ଖଣ୍ଡୁଆଳ, ସୁନାରିଝୋଲା ସମିତି ସଭ୍ୟ ସୂର୍ଯ୍ୟନାରାୟଣ ଭୁଆଁ ସମେତ ସମସ୍ତ ୱାର୍ଡ ମେମ୍ବର ଓ ନାଏବ ସରପଞ୍ଚ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷାବିତ ଦିବାକର ଶତପଥିଙ୍କ ସମେତ କବିସୂର୍ଯ୍ୟନଗର ବ୍ଲକର ସମସ୍ତ ବିଭାଗର କର୍ମଚାରୀ ମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**ଦିଗପହଣ୍ଡି:** ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ଓକିଲ ସଂଘ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସଂଘ ସମ୍ପାଦକ କୁରେଶୁ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘ ସଭାପତି ଲକ୍ଷ୍ମୀ ନାରାୟଣ ପାଢ଼ୀ



ଅଧ୍ୟକ୍ଷତା କରିଥିଲେ। ଆଇନଜୀବୀ ପ୍ରଭାକର ରାଉତ, ସୂର୍ଯ୍ୟନାରାୟଣ ସାହୁ, ହରପ୍ରସାଦ ରଥ, ପ୍ରଦୀପ କୁମାର ନାୟକ, ଅଶେଷ ନାଥ ମିଶ୍ର, ମନୋରଞ୍ଜନ ପଣ୍ଡା, ରବୀନ୍ଦ୍ର ସାହୁ, କିଶୋର ଗୌଡ଼, ଗଜାନନ ତ୍ରିପାଠୀ, ଅସିତ କୁମାର ସାହୁ, ଜି.ନନ୍ଦନ ଦୋରା, ଯୁଧିଷ୍ଠିର ପାତ୍ର, ଲକ୍ଷ୍ମଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ମାଧବରିଡ଼ା ତ୍ରିବେଣୀ ସଙ୍ଗମରେ ଗୀତା ଯଜ୍ଞ

**ବେଲଗୁଣ୍ଠା, ୨୪।୧(ସମିସ):** ସୋମବାର ବେଣୀପଲ୍ଲୀ ପଞ୍ଚାୟତ ଅଧିନସ୍ଥ ମାଧବରିଡା ତ୍ରିବେଣୀ ଆଶ୍ରମ ଠାରେ ଗୀତା ଯଜ୍ଞ ଆୟୋଜିତ ହୋଇଯାଇଛି। ମଠାଧୀଶ ଚିଦାନନ୍ଦ ସ୍ୱାମୀଙ୍କ ତତ୍ତ୍ୱାବଧାନରେ ଦେଶର ବିଭିନ୍ନ ପ୍ରାନ୍ତରୁ ସାଧୁସନ୍ଥ ମାନେ ଯୋଗଦାନ କରି



ମାତୃ ମଙ୍ଗଳ, ସୂର୍ଯ୍ୟ ପୂଜା ସହ ଗୀତା ଯଜ୍ଞ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ସ୍ୱସ୍ତି ସୁନ୍ଦର ସିଅ ଓ ସହଧର୍ମିଣୀ ମାମାଲି କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ବରିଷ୍ଠ ଭକ୍ତ ବଟକୃଷ୍ଣ ପାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ତ୍ରିବେଣୀ ଆଶ୍ରମ ସନ୍ୟାସୀ ମଦନ ଦାସ, ବରୁଣ ଦାସ, ଭକ୍ତ ଶିବ ରାଉତ, ଅରୁଣ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ନିଖିଳ ଉତ୍କଳ ଆଳୀୟ ଖଣ୍ଡାୟତ କୁଳାଧିପତି ପ୍ରହଲ୍ଲାଦ ଲେଙ୍କା, ଅଧ୍ୟାପକ ଦିବ୍ୟଲୋଚନ ବିଶ୍ୱାଳ ଉପସ୍ଥିତ ଥିଲେ।

# ପେଟ୍ରୋଲ ପମ୍ପରେ ଗ୍ରାହକଙ୍କୁ ମିଳୁନି ମାଗଣା ସେବା

**ବ୍ରହ୍ମପୁର, ୨୪।୧(ସମିସ):** ଦିନକୁ ଦିନ ଯାନବାହନ ଚଳାଚଳ ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ଏଥିସହ ତାଳ ଦେଇ ପେଟ୍ରୋଲ ପମ୍ପ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ଏହିକ୍ରମରେ ସହରରେ ବିଭିନ୍ନ ଅଞ୍ଚଳରେ ବିପିସିଏଲ(ଭାରତ ପେଟ୍ରୋଲିୟମ କର୍ପୋରେସନ୍ ଲିମିଟେଡ), ଆଇଓସିଏଲ(ଇଣ୍ଡିଆନ୍ ଅଏଲ କର୍ପୋରେସନ ଲିମିଟେଡ), ଏଚ୍‌ପି (ହିନ୍ଦୁସ୍ଥାନ ପେଟ୍ରୋଲିୟମ) ସମେତ ରିଲାଏନ୍ସର ଆଦି କମ୍ପାନୀର ୧୫ଟି ପେଟ୍ରୋଲ ଓ ଡିଜେଲ ପମ୍ପ ରହିଛି। ଉକ୍ତ ପେଟ୍ରୋଲ ପମ୍ପରେ ପ୍ରତ୍ୟେକ ଶତାଧିକ ଟଙ୍କାର ପେଟ୍ରୋଲ ଲୋକେ ସେମାନଙ୍କ ଗାଡ଼ିରେ ପକାଉଛନ୍ତି। ଏହି ପେଟ୍ରୋଲ ପମ୍ପ ଗୁଡ଼ିକ ତେଲ ବିକ୍ରି ସମୟରେ କେତକ ମାଗଣା ସେବା ଯୋଗାଇବା ପାଇଁ କମ୍ପାନୀମାନେ ନିୟମାବଳୀ ରଖିଛନ୍ତି। ଏଥିରେ ବ୍ୟତିକ୍ରମ ହେଲେ ସମ୍ପୃକ୍ତ କମ୍ପାନୀ ସେହି ପେଟ୍ରୋଲ ପମ୍ପଗୁଡ଼ିକୁ ଫାଇନ ଲଗାଇ କାର୍ଯ୍ୟାନୁଷ୍ଠାନ ନେଇପାରିବେ। ମାତ୍ର ବ୍ରହ୍ମପୁର ସହରରେ କମ୍ପାନୀର ନିୟମାବଳୀକୁ ପେଟ୍ରୋଲ ପମ୍ପ ମାଲିକମାନେ ପାଳନ କରୁନଥିବା ଦେଖିବାକୁ ମିଳୁଛି। କମ୍ପାନୀଗୁଡ଼ିକର ସର୍ତ୍ତାବଳୀ ଅନୁସାରେ ପମ୍ପରେ ପ୍ରାଥମିକ ସହାୟତା କିଟ(ଫାଷ୍ଟ ଏଡ କିଟ), ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା, ମହିଳା ପୁରୁଷଙ୍କ ପାଇଁ ଶୌଚାଳୟ, ଜରୁରୀକାଳୀନ ଫୋନ କଲର ବ୍ୟବସ୍ଥା, ଫ୍ରି ଏୟାର, ପେଟ୍ରୋଲର ଗୁଣବତ୍ତା ଓ ପରିମାଣ ଯାଞ୍ଚ ପରି ୬ଟି ମାଗଣା ସୁବିଧା ଗ୍ରାହକଙ୍କୁ ଦେବାକୁ ବ୍ୟବସ୍ଥା ରହିଛି। ଏସବୁ ପେଟ୍ରୋଲ ପମ୍ପ ଗୁଡ଼ିକରେ ନିହାତି ରହିବା ଆବଶ୍ୟକ ବୋଲି ମଧ୍ୟ କୁହାଯାଉଛି। ଯାହାକୁ ଗ୍ରାହକମାନେ ପେଟ୍ରୋଲ ପମ୍ପରେ ତେଲ ପକାଇବା ସହ ମାଗଣାରେ ପାଇପାରିବେ। ମାତ୍ର



ଏଥିପ୍ରତି ପ୍ରାୟ ଲୋକେ ଅବଗତ ନଥିବାବେଳେ ପେଟ୍ରୋଲ ପମ୍ପ କର୍ମଚାରୀ ଓ ମାଲିକ ଏହାର ଫାଇଦା ଉଠାଉଛନ୍ତି। ଫଳରେ ପେଟ୍ରୋଲ ପମ୍ପକୁ ଆସୁଥିବା ଗ୍ରାହାକମାନେ ଏଭଳି ସେବା ପାଇବାରେ ବଞ୍ଚିତ ହେଉଛନ୍ତି। ଅଧିକାଂଶ ପେଟ୍ରୋଲ ପମ୍ପରେ ଫ୍ରି ଏୟାର ମେସିନ କାମ କରୁନଥିବା ବେଳେ ଅନ୍ୟ କିଛି ପମ୍ପରେ ଏହା ଠିକ୍ ଥିଲେ ମଧ୍ୟ ଗ୍ରାହକଙ୍କୁ ଫ୍ରି ଏୟାର ସେବା ମିଳୁନାହିଁ। ଆଉ କିଛି ପମ୍ପରେ ଲୋକେ ଏୟାର ସେବା ନେଇ ଟଙ୍କା ଗଣୁଛନ୍ତି। ସେହିପରି ଅନେକ ପେଟ୍ରୋଲ ପମ୍ପରେ ପ୍ରାଥମିକ ସହାୟତା କିଟ୍ ବ୍ୟବସ୍ଥା ନଥିବା ବେଳେ ମହିଳା ଓ ପୁରୁଷଙ୍କ ପାଇଁ ଦର୍ଶାଯାଇଥିବା ଶୌଚାଳୟରେ ତାଲା ପଡ଼ି ରହୁଛି। ଏଣେ ପେଟ୍ରୋଲ ପମ୍ପରେ ଗ୍ରାହକମାନଙ୍କ ପାଇଁ ଥିବା ମାଗଣା ସେବା ଯୋଗାଇବାକୁ ସହର ସମସ୍ତ ପେଟ୍ରୋଲ ପମ୍ପ ମାଲିକମାନଙ୍କୁ ଅବଗତ କରାଯିବ ବୋଲି ବ୍ରହ୍ମପୁର ଉପଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି କହିଛନ୍ତି। ଅନ୍ୟପକ୍ଷରେ ଅନେକ ପେଟ୍ରୋଲ ପମ୍ପରେ ସୁରକ୍ଷା ବ୍ୟବସ୍ଥା ମଧ୍ୟ ଢିଲା ଥିବା ଦେଖିବାକୁ ମିଳିଛି। ନିୟମ ମୁତାବକ ମାଲିକମାନେ ପେଟ୍ରୋଲ ପମ୍ପରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା ନିୟମ ପାଳନ କରୁନାହାନ୍ତି। ଅଗ୍ନିଶମ ବିଭାଗଠାରୁ ଅଗ୍ନି ନିରାପତ୍ତା ପ୍ରମାଣ ପତ୍ର ନିମନ୍ତେ ଆବେଦନ ସମୟରେ ସମସ୍ତ ନିୟମ ପାଳନ କରାଯାଉଛି। ଅଗ୍ନିଶମ ବିଭାଗ ପକ୍ଷରୁ ୨ବର୍ଷ ନିମନ୍ତେ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିବା ବେଳେ ଏହା ପରେ ପେଟ୍ରୋଲ ପମ୍ପ ଗୁଡ଼ିକ ଅଗ୍ନି ନିରାପତ୍ତା ସମ୍ପର୍କିତ ଅନେକ ନିୟମ ପାଳନ କରୁନଥିବା ଦେଖିବାକୁ ମିଳିଛି। ସେହିପରି ବହୁ ପେଟ୍ରୋଲ ପମ୍ପରେ ବ୍ୟବହାର ହେଉଥିବା ନୋଜଲ୍ ପାଇପ(ପେଟ୍ରୋଲ ଓ ଡିଜେଲ ବାହାରୁଥିବା) ଗୁଡ଼ିକୁ ବହୁ ବର୍ଷ ହେବ ବ୍ୟବହାର କରାଯାଉଥିବା ବେଳେ ତାହାକୁ କିଛି ମାସ ବ୍ୟବଧାନରେ ପରିବର୍ତ୍ତନ କରାଯାଉନାହିଁ। ଯାହାଫଳରେ ତାହା ଏବେ ଦୁର୍ବଳ ହୋଇ ନଷ୍ଟ ହେବାରେ ଲାଗିଲାନି। ଏଭଳି କ୍ଷେତ୍ରରେ

- ପାଳନ ହେଉନି ଅଗ୍ନି ନିରାପତ୍ତା ବ୍ୟବସ୍ଥା ସର୍ତ୍ତାବଳୀ
- କମ୍ପାନୀର ସର୍ତ୍ତାବଳୀ ମାନୁନାହାନ୍ତି ପେଟ୍ରୋଲ ପମ୍ପ ମାଲିକ

ଅଘଟଣକୁ ଏଡ଼ାଇ ଦିଆଯାଇ ନପାରେ ବୋଲି କୁହାଯାଇଛି। ଅଗ୍ନିଶମ ବିଭାଗ ପକ୍ଷରୁ ନିୟମିତ ଯାଞ୍ଚ ହେଉନଥିବା ବେଳେ ପେଟ୍ରୋଲ ପମ୍ପ ମାଲିକମାନେ ଏଭଳି ମନମାନି କରିଥିବା ଅଭିଯୋଗ ହୋଇଛି। ଏନେଇ ବ୍ରହ୍ମପୁର ଅତିରିକ୍ତ ଅଗ୍ନିଶମ ଅଧିକାରୀ ଠାକୁର ପ୍ରସାଦ ଦଳେଇଙ୍କୁ ପଚାରିବାରେ ସେ କହିଛନ୍ତି ଯେ, ସହରର ସମସ୍ତ ପେଟ୍ରୋଲ ପମ୍ପର ଅଗ୍ନି ନିରାପତ୍ତା ପ୍ରମାଣ ପତ୍ର ରହିଛି। ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଅଚାନକ ଗସ୍ତ କରି ଯାଞ୍ଚ କରାଯାଉଥିବା ବେଳେ କୌଣସି ଅଭିଯୋଗ ଆସିଲେ ଯାଞ୍ଚ କରାଯାଇଛି। ଅନ୍ୟପକ୍ଷରେ ସହରର ଅନେକ ପେଟ୍ରୋଲ ପମ୍ପ ଜନବସତି ଅଞ୍ଚଳରେ ରହିଥିବା ବେଳେ କିଛି ଅଘଟଣ ଘଟିଲେ ବହୁ ଲୋକ ଏଥିରେ ପ୍ରଭାବିତ ହେବେ। ତେଣୁ ସହରରେ ଥିବା ସମସ୍ତ ପେଟ୍ରୋଲ ପମ୍ପ ଗୁଡ଼ିକୁ ଜିଲ୍ଲା ପ୍ରଶାସନ ଓ ଅଗ୍ନିଶମ ବିଭାଗର ମିଳିତ ଯାଞ୍ଚ କରିବା ଆବଶ୍ୟକ ରହିଛି ବୋଲି ସହରର ଅନେକ ବୁଦ୍ଧିଜୀବି ନିଜ ମତ ପ୍ରକାଶ କରିଛନ୍ତି।

# ରାମଲାଲାଙ୍କ ପାଇଁ ଭକ୍ତିମୟ ପରିବେଶ



**ଫିରିଙ୍ଗିଆ, ୨୪।୧(ସମିସ):** ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ଦିନ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପଲାବୃଡି ପଞ୍ଚାୟତ ରାଣିମିଳିକା ଗ୍ରାମ ଗୈରିକ ମୟ ହୋଇଥିଲା। ଚାରିଆଡେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହେବା ସହ ଶ୍ରୀରାମ ଧ୍ୱନିରେ ଗଗନ ପବନ ଉଛୁଳି ପଡ଼ିଥିଲା। ମହିଳା ସକାଳୁ ଉଠି ଘରଦ୍ୱାର ପୋଛି ଘର ଅଗଣାରେ ଗୋବର ଲେପନ କରି ତହିଁରେ ଭଳିକି ଭଳି ମୁରୁଜ ଝୋଟି ଆଙ୍କି ରାମଲାଲାଙ୍କ ସ୍ୱାଗତ କରିଥିଲେ। ସନ୍ଧ୍ୟାରେ ପ୍ରତି ଗ୍ରାମରେ ପ୍ରତି ଘରେ ମାଟିଦୀପ ସବୁ ପ୍ରଜ୍ୱଳନ କରି ପ୍ରଭୁ ଶ୍ରୀରାମଙ୍କ ପୂଜାର୍ଚ୍ଚନା କରିଥିଲେ। ପଲାବୃଡି, ରାଣୀମିଳିକାରେ ବ୍ୟବସାୟୀ ବିଭିନ୍ନ ଖାଦ୍ୟ ବିତରଣ କରିଥିଲେ। ଫିରିଙ୍ଗିଆ ଜଗନ୍ନାଥ ମନ୍ଦିର ଓ ରାଣୀମିଳିକା ମଣ୍ଡପରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ କରାଯାଇଥିଲା। ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ରାଣୀମିଳିକା ଅଞ୍ଚଳବାସୀ ନିଷ୍ଠା ଓ ଶ୍ରଦ୍ଧାର ସହ ପାଳନ କରିଥିଲେ। ଏହି ଅବସରରେ ନାମଯଜ୍ଞ ଓ ଅନ୍ନଯଜ୍ଞ କରାଯାଇଥିଲା। ପୂଜକ କୃପାସିନ୍ଧୁ ନନ୍ଦ, ସଭାପତି ଶିବ ଜାଳ, କର୍ତ୍ତା ଶୁକଦେବ ଜାଳ, ସମ୍ପାଦକ କାହ୍ନୁ ଚରଣ ଜାଳ, ପୂର୍ଣ୍ଣ ଚନ୍ଦ୍ର ଖମାରୀ, ଆୟୋଜକ ସନକ ଜାଳ, ଅନାମ ଜାଳ, ବଂଶୀଧର ଜାଳ, କାର୍ତ୍ତିକ ଖମାରୀ, ତରଣୀ ନାୟକ, ଭାଗିରଥି ଜାଳ, ଗଦାଧର ଜାଳ, ବସନ୍ତ ଜାଳ, ଗୋବର୍ଦ୍ଧନ କୁଦେଇ, ଟୁନା ପ୍ରଧାନ, ନରୋତ୍ତମ ଗିବାଲା, ସରଜ ଜାଳ, ଆୟୋଜକ ମାତୃମଣ୍ଡଳ କମିଟି ରାଣିମିଳିକା ଗ୍ରାମର ଗ୍ରାମବାସୀ ସହଯୋଗ କରିଥିଲେ।

# ସଡ଼କ ସୁରକ୍ଷା ସଚେତନତା ରାଲି



**ଜଗନ୍ନାଥପ୍ରସାଦ,୨୪।୧(ସମିସ):** ଟିପିଏସଓଡିଲର ନିର୍ଦ୍ଦେଶ କ୍ରମେ ଜଗନ୍ନାଥପ୍ରସାଦ ଅଧୀନରେ ଥିବା ବିଦ୍ୟୁତ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କ ମିଳିତ ସହଯୋଗରେ ସଡ଼କ ସୁରକ୍ଷା ସଚେତନତା ରାଲି କରାଯାଇଛି। ସଡ଼କ ଦୁର୍ଘଟଣା ରୋକିବା ପାଇଁ ଜନସାଧାରଣ ମାନଙ୍କୁ ବିଭିନ୍ନ ପ୍ରଣାଳୀ ଅବଲମ୍ବନ କରିବା ପାଇଁ ଆହ୍ୱାନ କରାଯାଇଛି। କର୍ମଚାରୀ ମାନେ ବିଭିନ୍ନ ସଚେତନତା ସ୍ଲୋଗାନ ଦେଇ ଜଗନ୍ନାଥ ପ୍ରସାଦ ଅଞ୍ଚଳ ସମେତ ସମସ୍ତ ସାହି ପରିକ୍ରମା କରିଥିଲେ। ଏଥିରେ ଜଗନ୍ନାଥପ୍ରସାଦ ଟିପିଏସଓଡିଏଲର ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ସିଂ, ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ସେଠୀ, ଡିଏସଓ ସଚୀନ ଦାସ ଉପସ୍ଥିତ ଥିଲାବେଳେ କମଳକାନ୍ତ ମହାନ୍ତି, ଗଜେନ୍ଦ୍ର ଗୌଡ଼, ବାସନ୍ତ କୁମାର ନାୟକ, ବିଜୟ କୁମାର ସେଠୀ, ପ୍ରକାଶ କୁମାର ପଣ୍ଡା, ମନୋଜ କୁମାର ପାଢ଼ୀ, ଦୁର୍ଗାକାନ୍ତ ଶତପଥୀ, ରୂପକ ଆଲଟିଆ, ବିଷ୍ଣୁ ଆଲଟିଆ, ସୁଶାନ୍ତ କୁମାର ତାରିଣୀ, ମାନସ ସାହୁ, ଭରତ ସାହୁ, ଦିବ୍ୟରଞ୍ଜନ ନାୟକ, ବରୁଣ ପ୍ରଧାନ, ଚନ୍ଦ୍ର ଗୌଡ଼, ପିଣ୍ଟୁ ସାହୁ, ରମେଶ ଚନ୍ଦ୍ର ବେହେରା, ବସନ୍ତ କୁମାର ଜେନା ପ୍ରମୁଖ ବିଭାଗୀୟ କର୍ମଚାରୀ ଏହି ରାଲିକୁ ସହଯୋଗ କରିଥିଲେ।

# ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ସଚେତନତା

**ରଙ୍ଗେଇଲୁଣ୍ଡା, ୨୪।୧(ସମିସ):** 'ଆମ ଓଡ଼ିଶା ନବୀନ ଓଡ଼ିଶା' ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ଚିକରଡ଼ା ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ଅନ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଦୀପକ କୁମାର ସାମନ୍ତ, ଅତିରିକ୍ତ ବିଡିଓ ତ୍ରିପତି ବାଲାଜୀ ସାମନ୍ତରାୟ, ସାଂସଦ ପ୍ରତିନିଧି ଅଜିତ କୁମାର ଦାଶ, ବ୍ଲକ ଉପାଧ୍ୟକ୍ଷା ଅନିତା ମାହାଙ୍କୁଡ, ବ୍ଲକ ଅଧ୍ୟକ୍ଷ ପ୍ରତିନିଧି ସିଏଚ୍ ନରେଶ ପାତ୍ର, ଚିକରଡ଼ା ସରପଞ୍ଚ ଅସନ୍ତୁଲୁ ରେଡି ଯୋଗ ଦେଇଥିଲେ। ଗୀତାଞ୍ଜଳି ପାଣିଗ୍ରାହୀ ପରିଚାଳନା କରିଥିଲେ। ଓଡ଼ିଶା ବିକାଶ ପଥରେ ଆଗେଇ ଚାଲିଛି ବୋଲି ବିଧାୟକ ଶ୍ରୀ ପଣ୍ଡା କହିଥିଲେ। ଏହି ଅବସରରେ ସହକାରୀ ମତ୍ସ୍ୟ ଅଧିକାରୀ ଦୀପ୍ତିମୟୀ ବେହେରା, ସମାଜସେବୀ ରାମହରି ପାତ୍ର, ସରପଞ୍ଚ ପ୍ରଶାନ୍ତ କୁମାର ଦାସ, ଦୁର୍ଯ୍ୟୋଧନ ରେଡି, ସସ୍ମିତା ବେହେରା, ଧର୍ମ ରେଡି, ସମିତି ସଭ୍ୟ ବିଷ୍ଣୁପ୍ରିୟା ନାୟକ, କେ. ପ୍ରବୀଣ କୁମାର, ଗୌରୀ ବେହେରା, ଦଣ୍ଡପାଣି ସାହୁ, ଯୁବସଭାପତି ବିନୋଦ କୁମାର ମାହାଙ୍କୁଡ଼, ବିପିଏମଅଜୟଦାସ, ନାଗେଶ୍ୱରୀରେଡି, ଭକ୍ତନାହାକ, ସୁଧୀରନାୟକ, ସନ୍ତୋଷ ବେହେରା, ଛାତ୍ର ନେତା ମିଳେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଲିଙ୍ଗରାଜ ବାଳିକା ହାଇସ୍କୁଲର ବାର୍ଷିକ ଉତ୍ସବ

**ପୋଲସରା, ୨୪।୧(ସମିସ):** ପୋଲସରା ଏନଏସି ଅନ୍ତର୍ଗତ ଲିଙ୍ଗରାଜ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜିତା ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ସମ୍ମାନିତ ଅତିଥି ଭାବେ ନଗର ଅଧ୍ୟକ୍ଷା ସଙ୍ଗୀତା ବେହେରା, ଉପାଧ୍ୟକ୍ଷ ସନ୍ତୋଷ କୁମାର ବେହେରା, ମୁଖ୍ୟ ବକ୍ତାଭାବେ ଶିକ୍ଷାବିତ୍ ସୁକାନ୍ତି ସାହୁ, ଡାକ୍ତର ଲଳିତ ମୋହନ ରଥ, ହାଇସ୍କୁଲ ପରିଚାଳନା କମିଟି ସଭାନେତ୍ରୀ ବବିତା ପଣ୍ଡା, ଶିକ୍ଷକ ଅଭୟ ପ୍ରସାଦ ସାହୁ, ମୀନା କୁମାରୀ ସାହୁ, ଲୀଳାବତୀ ବେହେରା, ଅନ୍ନପୂର୍ଣ୍ଣା ମିଶ୍ର,



ଭଗବାନ ସ୍ୱାଇଁ, ଚନ୍ଦ୍ରକାନ୍ତ ମଲ୍ଲିକ, ରାଜ୍ ଦୀପ ଡାକୁଆ, ଆଦିତ୍ୟ ତ୍ରିପାଠୀ ଭଗବାନ ଗୌଡ଼ଙ୍କ ସମେତ ପରିଚାଳନା କମିଟିର ସଦସ୍ୟ ମାନେ ଯୋଗଦେଇଥିଲେ। ପୂର୍ବ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ଛତ୍ରପୁର,୨୪।୧(ସମିସ):** ଛତ୍ରପୁର ବ୍ଲକ ଅନ୍ତର୍ଗତ ଚମାଖଣ୍ଡି ଛକସ୍ଥିତ ମଲିକେଶ୍ୱର ମନ୍ଦିର ପରିସରରେ ଚମାଖଣ୍ଡି ସରପଞ୍ଚ ସିଏଚ. ମନୋଜ କୁମାର ରେଡ୍ଡୀ ଏବଂ ସମିତି ସଭ୍ୟ ଏନ. ଚନ୍ଦ୍ରୟା ରେଡ୍ଡୀଙ୍କ ତତ୍ତ୍ୱାବଧାନରେ କେ. ତୁମ୍ବନାଥ ରେଡ୍ଡୀଙ୍କ ସଂଯୋଜନାରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହା ସହିତ ଚମାଖଣ୍ଡି ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଏକ ପୁସ୍ତିକାକୁ ରାଜ୍ୟ କୃଷି ବିପଣନ ନିଗମର ଉପଦେଷ୍ଟା ରାମଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉନ୍ମୋଚିତ କରିଥିଲେ। କାର୍ଯ୍ୟକ୍ରମରେ ଛତ୍ରପୁର ବ୍ଲକ ଉପାଧ୍ୟକ୍ଷା ଏସ. ଶାରଦା ରେଡ୍ଡୀ, ଶ୍ରମିକ ନେତା ଶଙ୍କର ପ୍ରସାଦ ଦାଶ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମୁନା ଦାସ, ଏନ. ଗିରିଜା ପ୍ରସାଦ ରେଡ୍ଡୀ ଓ ଏସ. କିଶୋର ରେଡ୍ଡୀ, ପୂର୍ବତନ ସମିତି ସଭ୍ୟ ଏନ୍.ଦୁର୍ଯ୍ୟୋଧନ ରେଡ୍ଡୀ, ମଥୁରା ଚରଣ ସୁବୁଦ୍ଧି, ଅଶୋକ କୁମାର ପାଣିଗ୍ରାହୀ, ସୁଶାନ୍ତ କୁମାର ସାହୁ ଓ ଜ୍ୟୋତି ରଞ୍ଜନ ସାହୁ, ମାଗୁଣି ବିଷୋୟୀ, ଏନ. ମୁନା ପାତ୍ର, ଯୁବ ବିଜେଡି ଛତ୍ରପୁର ଏନ୍‌ଏସି ସଭାପତି ଟି. ଚନ୍ଦ୍ର ଶେଖର ରାଓ, ସିଏଚ ସୁଧାକର ରେଡ୍ଡୀ, ବି. ଚନ୍ଦ୍ରମଣି ପାତ୍ର, ବି. ଲିଙ୍ଗରାଜ ପାତ୍ର, ଡିଲେଶ୍ୱର ରେଡ୍ଡୀ, ପିଇଓ ଦଣ୍ଡପାଣି ପ୍ରଧାନ, ଜିଆରଏସ ଏ. ଦଣ୍ଡପାଣିଙ୍କ ସମେତ ବହୁ ଜନପ୍ରତିନିଧି, ଚମାଖଣ୍ଡି ପଞ୍ଚାୟତର ୱାର୍ଡ ସଭ୍ୟ/ସଭ୍ୟା ଓ ମହିଳାମାନେ ଉପସ୍ଥିତ ଥିଲେ।

**ଶେରଗଡ଼:** ଶେରଗଡ଼ ବ୍ଲକ ଅନ୍ତର୍ଗତ ଅଲାରିଗଡ଼ ପଞ୍ଚାୟତର ସ୍ୱପ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପଞ୍ଚାୟତସ୍ତରୀୟ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶେରଗଡ଼ ବିଡିଓ ଶିବାଶିଷ ବରାଳଙ୍କ ସଂଯୋଜନା ଓ ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ଜିଲ୍ଲା ପରିଷଦ ସଭ୍ୟା ନିବେଦିତା ପ୍ରଧାନ, ବ୍ଲକ ବିଜେଡି ସଭାପତି ଶରତ ପାତ୍ର, ବରିଷ୍ଠ ନେତା ହୀନ ବେହେରା, ଦିଗାମ୍ବର ନାହାକ, ସମୀର ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର ପ୍ରମୁଖ ମଞ୍ଚାସୀନ ରହି କାର୍ଯ୍ୟକ୍ରମ ଆୟୋଜନର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। ଏହି ଶିବିରରେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକସ୍ଥଳୀର ରୂପାନ୍ତରଣ, ମହିଳା ସଶକ୍ତୀକରଣ ଓ ଭିତ୍ତିଭୂମିର ବିକାଶ ଭଳି ବିଭିନ୍ନ କଲ୍ୟାଣକାରୀ ଯୋଜନା ବିଷୟରେ ସଚେତନ କରାଯାଇଥିଲା। ଏହି ସବୁ ବିକାଶମୂଳକ ଯୋଜନାରେ ଅଲାରିଗଡ଼ ପଞ୍ଚାୟତର ୧୦ଟି ପ୍ରକଳ୍ପକୁ ୫୦ ଲକ୍ଷ ଟଙ୍କା, ୧୧୨୯ ପରିବାରକୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ଗୋଟିଏ ପ୍ରକଳ୍ପକୁ ୪୫ ଲକ୍ଷ ପ୍ରଦାନ କରାଯାଇଥିବା କୁହାଯାଇଥିଲା। କାର୍ଯ୍ୟକ୍ରମକୁ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ ପବିତ୍ର ମୋହନ ପଟ୍ଟନାୟକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପରିଚାଳନା କରିଥିଲେ।



**କବିସୂର୍ଯ୍ୟନଗର :** କବିସୂର୍ଯ୍ୟନଗର ବ୍ଲକ ବାଲ୍ୟାସରା ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶିବିରରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ବ୍ଲକ ଅଧ୍ୟକ୍ଷା ଜ୍ୟୋତିମୟୀ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କବିସୂର୍ଯ୍ୟନଗର ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ବୀଣାପାଣି ମିଶ୍ର ମଧ୍ୟ ବିଭିନ୍ନ ଶିଶୁ, କିଶୋରୀ ବାଳିକା, ପ୍ରସୂତି, ଗର୍ଭବତୀ ମହିଳା ମାନଙ୍କ ଲାଗି ବିଭିନ୍ନ ଯୋଜନା ବିଷୟରେ ସଚେତନ କରିଥିଲେ। କବିସୂର୍ଯ୍ୟନଗର ବ୍ଲକ ଏବିଡିଓ ନାରାୟଣ ବେହେରା, ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିମନ୍ୟ ସାହୁ, ବିପିଏମ ରାଜକିଶୋର ସାହୁ, ଜିପିଓ ପରିଡ଼ା ବାବୁ, ବ୍ଲକ ସିପି ବିଶ୍ୱନାଥ ଦାସ, ନନ୍ଦିଆଗଡ଼ା ସମିତି ସଭ୍ୟ ଅଶ୍ୱିନୀ ସ୍ୱାଇଁ, ଅମ୍ବପୁଆ ସରପଞ୍ଚ ଅମିୟ ମାହୁନ୍ତ, ବାଲ୍ୟସରା ଗ୍ରାମ ସରପଞ୍ଚ ରବୀନ୍ଦ୍ର ପୋଲାଇ, ବାଲ୍ୟାସରା ସମିତି ସଭ୍ୟ ପ୍ରତିନିଧି ଗୌତମ ଖଣ୍ଡୁଆଳ, ଶିଆଳିଆ ସମିତି ସଭ୍ୟ କମ୍ବୁପାଣି ନାହାକ, ଗୁଡ଼ିଆଲି ସରପଞ୍ଚ ପ୍ରତିନିଧି ପ୍ରଶାନ୍ତ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

# ସିସି କ୍ୟାମେରା ନଜରରେ ରହିବ ପାରଳା

**ପାରଳାଖେମୁଣ୍ଡି, ୨୪।୧(ସମିସ)**



**● ୬୯ ସ୍ଥାନରେ ଲାଗିବ କ୍ୟାମେରା**

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ବିଭିନ୍ନ ସ୍ଥାନରେ ଲାଗିବ ସିସି କ୍ୟାମେରା। ଟ୍ରାଫିକ ନିୟନ୍ତ୍ରଣ ଠାରୁ ଆରମ୍ଭ କରି ଅସାମାଜିକ ବ୍ୟକ୍ତିଙ୍କ କାରନାମା, ଅପରାଧ ନିୟନ୍ତ୍ରଣ ଆଦିରେ ଏହି କ୍ୟାମେରା ସହାୟକ ହେବ। ଏନେଇ ଗଜପତି ପୁଲିସ ଅଣ୍ଟା ଭିଡିଛି। ଫଳରେ ସମଗ୍ର ସହର କ୍ୟାମେରା ସର୍ଭିଲାନ୍ସରେ ରହିବ। ନିୟନ୍ତ୍ରଣ ହେବ ଟ୍ରାଫିକ ବ୍ୟବସ୍ଥା। ଅପରାଧ ଗତିବିଧି ଉପରେ କ୍ୟାମେରାରେ ଦୃଷ୍ଟି ରଖାଯିବ। ଦ୍ରୁତ ଗାଡିଚାଳନା କରୁଥିବା ବ୍ୟକ୍ତି ମଧ୍ୟ ସାବାଡ ହେବେ। ଏପରି କ୍ୟାମେରା ଖଞ୍ଜାଯିବା ନିଷ୍ପତ୍ତିକୁ ସବୁ ମହଲରେ ସ୍ୱାଗତ କରାଯାଉଛି। ପାରଳା ଶାନ୍ତିଶୃଙ୍ଖଳା ସହର ଭାବେ ପରିଚିତ ଥିଲେ ମଧ୍ୟ ବାହାର ରାଜ୍ୟର ଦୁର୍ବୃତ୍ତ ସକ୍ରିୟ ରହୁଛନ୍ତି। ଏହି କାରଣରୁ ସହରରେ ଚୋରି ଘଟଣା ବୃଦ୍ଧି ପାଉଛି। ଦୁଇ ବର୍ଷ ମଧ୍ୟରେ ୭୦ରୁ ଅଧିକ ଚୋରି ମାମଲା ଥାନାରେ ଦାୟର ହୋଇଛି। ସିସି କ୍ୟାମେରା ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତ ସକ୍ରିୟ ହେଉଥିବାରୁ ପୁଲିସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଥିଲା। କ୍ୟାମେରା ଖଞ୍ଜା ଯିବାପରେ କିଛିଟା ସମାଧାନ ହେବ ବୋଲି କୁହାଯାଉଛି। ପୁଲିସ ପକ୍ଷରୁ ସହରରେ କ୍ୟାମେରା ଲଗାଯିବା ପାଇଁ ସ୍ଥାନ ଚିହ୍ନଟ ହୋଇସାରିଛି। ଏନେଇ ଗଜପତି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ୍. କୁମାରଙ୍କ ତତ୍ତ୍ୱାବଧାନରେ ରୋଡମ୍ୟାପ ହୋଇସାରିଛି। ସହରର ରାମସାଗର ଛକ ଠାରୁ ଆରମ୍ଭ କରି ଫରେଷ୍ଟ ଗେଟ ଛକ, ଗଜପତି ଷ୍ଟାଡ଼ିୟମ ନିକଟ, କୋର୍ଟ ଛକ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛକ, ଥାନା ଛକ, କଲେଜ ଛକ, କରଣ ସାହି ଛକ, ପୌରପରିଷଦ କାର୍ଯ୍ୟାଳୟ ଛକ, ବଡବ୍ରାହ୍ମଣ ସାହି ଛକ, ରାମନଗର ଛକ, ବସଷ୍ଟାଣ୍ଡ ସମ୍ମୁଖ, ପୁରୁଣା କୋର୍ଟ ଛକ, ରାଣୀପେଣ୍ଠ ଛକ ସହ ଗାନ୍ଧୀଛକ, ହାଟପଦା ଛକ, ରେଳଷ୍ଟେସନ ସମ୍ମୁଖ, ରାଜ ଛକ, ଚାନ୍ଦିନୀ ରେଷ୍ଟୁରାଣ୍ଟ ଛକ, ଲକ୍ଷ୍ମୀ ଟକିଜ ଛକ, ମେଡିକାଲ ଛକ ସମେତ ସହର ଉପକଣ୍ଠସ୍ଥ ମହେନ୍ଦ୍ର ତନୟା ନଦୀ ପୋଲ ନିକଟରେ ଥିବା ଜନସ୍ୱାସ୍ଥ୍ୟ ବିଭାଗର ପମ୍ପହାଉସ ଛକରେ କ୍ୟାମେରା ଖଞ୍ଜାଯିବ। ପ୍ରାଥମିକ ଭାବେ ସମୁଦାୟ ୬୯ କ୍ୟାମେରା ଲଗାଯିବା ପାଇଁ ଗଜପତି ପୁଲିସ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏଥି ନିମନ୍ତେ ୫୧ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିବାର ସୂଚନା ପ୍ରଦାନ କରାଯାଇଛି। ଆବଶ୍ୟକ ସ୍ଥଳେ ବିଭିନ୍ନ ସ୍ଥାନକୁ ଚିହ୍ନଟ କରି ଅଧିକ କ୍ୟାମେରା ଲଗାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଯୋଗ୍ୟ ହିତାଧିକାରୀଙ୍କୁ ମିଳୁନି ଆବାସ !



**ଫିରିଙ୍ଗିଆ, ୨୪।୧(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କେଲାପଡ଼ା ପଞ୍ଚାୟତ ୫ ନମ୍ବର ୱାର୍ଡରେ ଭଙ୍ଗା ଘରେ ଜୀବନ କଟାଉଛନ୍ତି ଭବାନୀ ଶଙ୍କର ବେହେରାଙ୍କ ପରିବାର। ଅତ୍ୟନ୍ତ ଗରିବ ହୋଇଥିବାରୁ ବାସଗୃହ ନିର୍ମାଣ କରିବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ। ଯେତିକି ଆୟ ହେଉଛି ସେଥିରେ ପରିବାର ଚଳାଇବା କଷ୍ଟକର ହେଉଥିବାରୁ ବାସଗୃହ ନିର୍ମାଣ କରିବା କଷ୍ଟକର ବୋଲି ସେ କହିଛନ୍ତି। ବାସଗୃହ ଯୋଗାଣ ପାଇଁ ଆବେଦନ କରିଥିବା ସତ୍ତ୍ୱେ ତାଙ୍କୁ ମିଳିନାହିଁ। ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ କାର୍ଯ୍ୟାଳୟରେ ବହୁବାର ଆବେଦନ କରିଥିଲେ ମଧ୍ୟ କିଛି ଫଳ ହୋଇନାହିଁ। ସରକାର ଗରିବ ହିତାଧିକାରୀଙ୍କ ପାଇଁ ଯୋଜନା ମାଧ୍ୟମରେ ଘର ଯୋଗାଇ ଦେଉଥିବା ବେଳେ ସଠିକ୍ ହିତାଧିକାରୀଙ୍କ ପାଖକୁ ପହଞ୍ଚିବା ଆଗରୁ ବାଟବଣା ହୋଇ ଯାଉଥିବା ଅଭିଯୋଗ ହେଉଛି। ଏହି ବିଷୟରେ ସ୍ଥାନୀୟ ସରପଞ୍ଚ ସ୍ୱର୍ଣ୍ଣଲତା ପ୍ରଧାନଙ୍କୁ ପ୍ରଶ୍ନ କରାଯିବାରେ ତୁରନ୍ତ କିଭଳି ଆବାସ ଘର ଭବାନୀ କିପରି ପାଇପାରିବେ ସେଥି ନିମନ୍ତେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିବେ ବୋଲି କହିଛନ୍ତି।

## ବିଭିନ୍ନ ସ୍ଥାନରେ ନେତାଜୀ ଜୟନ୍ତୀ ପାଳିତ

**ବାଲିଗୁଡ଼ା/ତୁମୁଡ଼ିବନ୍ଧ, ୨୪।୧(ସମିସ):** କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ନେତାଜୀ ସୁଭାଷ ବୋଷ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମହାନ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ବୋଷଙ୍କର ୧୨୭ତମ ଜନ୍ମ ଜୟନ୍ତୀ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ମାଝୀ, ସମ୍ମାନୀତ ଅତିଥି ଭାବେ ସଭାପତି ପାଉଲ ମଣ୍ଡଳ, ଜିଲ୍ଲା ପରିଷଦ ସଭ୍ୟ ନବିନ ଚନ୍ଦ୍ର ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ



ଲକ୍ଷ୍ମଣ ଚରଣ ସୋରେନ, ପୂର୍ବତନ ବିଧାୟକ ରାଜୀବ ପାତ୍ର, ପୂର୍ବତନ ସମ୍ପାଦକ ଲକ୍ଷ୍ମୀଧର ସାହୁ, ପରମ ବେହେରଦଳାଇ ଯୋଗ ଦେଇ ଥିଲେ ଓ ମୁଖ୍ୟବକ୍ତା ଭାବେ ନେତ୍ର ମାନସେଟ୍ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁନୀଲ କୁମାର ପାତ୍ର ସଭାପତିତ୍ୱ କରିଥିଲେ। ଅଧ୍ୟାପକ ଦୁଃଖୀଶ୍ୟାମ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ନୂଆ ଓ ବିଶ୍ୱ ଓଡ଼ିଆ ଭାଷା ସାହିତ୍ୟର ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଗତ ବର୍ଷ ବାର୍ଷିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ମେଧାବୀ ଛାତ୍ର ତ୍ରିକାସ ପରାସେଟଙ୍କୁ ଉଦୟନାଥ ଶିକ୍ଷା ସମ୍ମାନ ଟ୍ରଫି ସହ ୫୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷା ଅଧ୍ୟାପକ ଡ. ସତ୍ୟରଞ୍ଜନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

**ଚକାପାଦ:** କନ୍ଧମାଳ ଜିଲ୍ଲା ଶଙ୍କରାଖୋଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ନେତାଜୀ ଜୟନ୍ତୀ ପାଳନ କରାଯାଇଥିଲା। ଏଥିରେ ପ୍ରଧାନ ଶିକ୍ଷକ ସୌଭାଗ୍ୟ ରଞ୍ଜନ ଖମାରି ପୁଷ୍ପମାଲ୍ୟ ଅର୍ପଣ କରିଥିବା ବେଳେ ଶିକ୍ଷକ ରଞ୍ଜିତ କୁମାର ମଲ୍ଲିକ, ସୁରେଶନ ମଲ୍ଲିକ, ଶିକ୍ଷୟିତ୍ରୀ ରଜନା ସାହୁ, ଜୟଲକ୍ଷ୍ମୀ ବେହେରା, ସାମ୍ବାଦିକ ବାଳକୃଷ୍ଣ କହଁର ଯୋଗ ଦେଇ ନେତାଜୀଙ୍କ ବିଷୟରେ ବୁଝାଇଥିଲେ। ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।



## ରାଧାକୃଷ୍ଣ ମନ୍ଦିରରେ ରତ୍ନମୁଦ ପାଇଁ କଳସ ଯାତ୍ରା

**ଖଜୁରୀପଡ଼ା, ୨୪।୧(ସମିସ):** କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକ ନୂଆଗାଁ ହାଇସ୍କୁଲ ସମ୍ମୁଖରେ ବେଗ୍ରିକିଆ ଅଞ୍ଚଳ ଗୋପାଳ ସମାଜ ମନ୍ଦିର ପରିଚାଳନା କମିଟି ତରଫରୁ ନିର୍ମାଣ ହୋଇଥିବା ରାଧାକୃଷ୍ଣ ମନ୍ଦିରରେ ସୋମବାର ଦିନ ପୂଜକ ଶ୍ୟାମ ଘନ ତ୍ରିପାଠୀ ରୀତିନୀତି ଅନୁସାରେ ପୂଜା ପାଠ କରି ରତ୍ନ ମୁଦ ସ୍ଥାପନ କରିଛନ୍ତି। ରବିବାର ଦିନ ସକାଳ ୧୦ ଟା ବେଳେ ଗୋପାଳ ସମାଜର ଶତାଧିକ ଜନସାଧାରଣ ଏକତ୍ର ହୋଇ ନୂଆ ଗାଁ ମହିଳା ଘାଟ ଠାରୁ ପବିତ୍ର ଜଳ କଳସରେ ନେଇ କଳସ ଯାତ୍ରା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିରେନ୍ଦ୍ର କୁମାର କହଁର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ।



ସୋମବାର ଦିନ ଆଖ ପାଖ ଅଞ୍ଚଳରୁ ହଜାର ହଜାର ଭକ୍ତ ଶ୍ରଦ୍ଧାଳୁ ସମେତ ବିଡ଼ିଓ ଜର୍ଜ ତୁଙ୍ଗୁ ତୁଙ୍ଗୁ, ସହକାରୀ ଯନ୍ତ୍ରୀ ଶୁଭସ୍ମିତା ନାଥ ଉପସ୍ଥିତ ରହି ନାମ ଯଜ୍ଞ, ଅନ୍ନ ଯଜ୍ଞ, ଘୃତ୍ ଯଜ୍ଞ କରି ରୀତି ନୀତି ପୂଜା ପାଠ କରି ରତ୍ନ ମୁଦ ସ୍ଥାପନ କରାଯାଇଥିବା ରାଧାକୃଷ୍ଣ ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ସଭାପତି ସୁଭାଷ ଚନ୍ଦ୍ର ଭୋଇ, ଉପସଭାପତି ବଳଭଦ୍ର ନାୟକ, ସମ୍ପାଦକ ଉମେଶ ଚନ୍ଦ୍ର ଭୋଇ, ସହ ସମ୍ପାଦକ ରଞ୍ଜିତ କୁମାର୍ ଭୋଇ, କୋଷାଧ୍ୟକ୍ଷ ବସନ୍ତ ପ୍ରଧାନ ଓ ଉପଦେଷ୍ଟା ମଣ୍ଡଳୀ ତରଣି ସେନ ନାୟକ, ମହେଶ୍ୱର ବଗର୍ତ୍ତି, ଅରୁଣ କୁମାର ଭୋଇ, ଶଙ୍କର ନାୟକ, ଜଳେଶ୍ୱର ବଗର୍ତ୍ତି, ରାଜେନ୍ଦ୍ର ଭୋଇ, ରଘୁନାଥ ଭୋଇ ପରିଚାଳନା କରିଥିଲେ।

## ଚକ୍ଷୁ, କର୍ଣ୍ଣ, ନାସା ଓ ମୁଖଗହ୍ୱର ପରୀକ୍ଷା ଶିବିର



**ଜି.ଉଦୟଗିରି, ୨୪।୧(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ନିକଟସ୍ଥ କଳିଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଚକ୍ଷୁ, କର୍ଣ୍ଣ, ନାସା ଓ ମୁଖ ଗହ୍ୱର ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ମେଡିକାଲ ଅଫିସର ଡା.ଏଲ.ସ୍ମୃତିରେଖାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଆଖପାଖ ଅଞ୍ଚଳର ୭୦ରୁ ଅଧିକ ରୋଗୀ ନାମ ପଞ୍ଜୀକୃତ କରିଥିଲେ। ବିଭିନ୍ନ ବିଭାଗରେ ପରୀକ୍ଷା କରାଯିବା ସହିତ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଜଟିଳ ସମସ୍ୟା ଥିବା ରୋଗୀଙ୍କୁ ଅଧିକ ଚିକିତ୍ସା ପାଇଁ ଫୁଲବାଣୀ ପଠାଯାଇଥିଲା। ଚକ୍ଷୁ ବିଶେଷଜ୍ଞ ଅରବିନ୍ଦ ଦାସ ଚକ୍ଷୁ ରୋଗୀଙ୍କୁ ପରୀକ୍ଷା କରିଥିଲେ। ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଶିବିର ପରିଚାଳନା କରିଥିବା ବେଳେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଏହା ସହିତ ଏହି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଅଗ୍ନିସମ ବିଭାଗ ଦ୍ୱାରା ନିଆଁ ଲାଗି ଘଟୁଥିବା ବିଭିନ୍ନ ଦୁର୍ଘଟଣାକୁ କିପରି ରୋକା ଯାଇପାରିବ ତାହାର କମଡ୍ରିଲ ପ୍ରଦର୍ଶନ କରାଯାଇଥିଲା। ଜି.ଉଦୟଗିରି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ରତିକାନ୍ତ ସାହୁ, ବିପିଏଚଓ ରାଜ କିଶୋର ସାହୁଙ୍କ ସହିତ କଳିଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ



**ଗୁମ୍ମା, ୨୪।୧(ସମିସ):** ରାଜ୍ୟ ସରକାରଙ୍କ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ପଞ୍ଚାୟତ ତଥା ଗ୍ରାମାଞ୍ଚଳରେ ବିକାଶର ପର୍ବ ଚାଲିଛି। ସେଥିମଧ୍ୟରୁ ପ୍ରତି ପଞ୍ଚାୟତର ମନ୍ଦିର, ଚର୍ଚ୍ଚ, ମସଜିଦ, ଗୋଷ୍ଠୀ କେନ୍ଦ୍ର ଓ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦନ ପ୍ରଦାନ କରାଯାଇଛି। ଏନେଇ ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ସେରଙ୍ଗ ଓ ତୁମୁଲ ପଞ୍ଚାୟତ ସ୍ତରରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ମାଧ୍ୟମରେ ଜନହିତକର ଯୋଜନା ପ୍ରଚାର ପ୍ରସାର ଓ ପ୍ରଦର୍ଶନ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରାଯାଇଥିଲା। ବିଡ଼ିଓ ଶରତ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳ, ସ୍ଥାନୀୟ ସରପଞ୍ଚ/ସମିତି ସଭ୍ୟ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ଗୁମ୍ମା ବ୍ଲକର ସମସ୍ତ ୨୦ ପଞ୍ଚାୟତ ସ୍ତରରେ ୧୦ ଦିନ ବ୍ୟାପି ଆୟୋଜନ କରାଯିବା ସହ ପ୍ରତି ଦିନ ୨ଟି ପଞ୍ଚାୟତ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ରହିଥିବା ବିଡ଼ିଓ କହିଛନ୍ତି। କାର୍ଯ୍ୟକ୍ରମକୁ ପଞ୍ଚାୟତ ଅଧିକାରୀ ପି.ଲିଙ୍ଗରାଜ, ସିପି ରାକେଶ କୁମାର ସାହୁ, ଦୀପାଞ୍ଜଳି ସେଠୀ, ସହଦେବ କଳିଙ୍ଗ, ଜିପିଓ ବି.ଶଙ୍କର, ଜିଆରଏସ ଜେମ୍ସ ରଇତ ଓ ତୁମ୍ବେ ରଇତ ପରିଚାଳନା କରିଥିଲେ।

## ବିକେଏମ୍ୟୁ ଓ ସିପିଆର ବିକ୍ଷୋଭ



**ପାରଳାଖେମୁଣ୍ଡି, ୨୪।୧(ସମିସ):** ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଭାରତୀୟ କ୍ଷେତ ମଜଦୁର ୟୁନିୟନ ଏବଂ ସିପିଆ ପକ୍ଷରୁ ଘର ଡିହ ବର୍ଣ୍ଟନ ନ କରାଯିବାକୁ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟ ବିକେଏମ୍ୟୁ ସଭାପତି ଜେନା ସୁବାସ ଚନ୍ଦ୍ର ରାଓଙ୍କ ନେତୃତ୍ୱରେ ଘର ଡିହ, ପକ୍କା ଘର ଆବେଦନକାରୀ ଏକତ୍ର ହୋଇ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲ୍ଲାରେ ବହୁ ଆଦିବାସୀ, ଦଳିତ ଓ ଅନ୍ୟାନ୍ୟ ସମ୍ପ୍ରଦାୟ ତଥା ଜାତିର ଘରହୀନ ଲୋକେ ବସବାସ କରୁଛନ୍ତି। ସେମାନେ ଘର ଓ ଡିହ ପାଇଁ ଆବେଦନ କରିଥିଲେ ମଧ୍ୟ କିଛି ଫଳ ହୋଇଛି। ଏଣିକି ଆଉ କୌଣସି ବିକ୍ଷୋଭ ନ କରି ଆଗାମୀ ଦିନରେ ଜାଗା ଗୁଡ଼ିକୁ ଦଖଲ କରିବେ ବୋଲି ବିକ୍ଷୋଭକାରୀ କହିଛନ୍ତି। ଏସମ୍ପର୍କରେ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳ ଆଲୋକ କୁମାର ପ୍ରଧାନଙ୍କୁ ପ୍ରଦାନ କରାଯାଇଛି। ସମସ୍ୟା ସମ୍ପର୍କରେ ଅବଗତ ହେବା ପରେ ସମାଧାନ କରାଯିବ ବୋଲି ଉପଜିଲ୍ଲାପାଳ ଶ୍ରୀ ପ୍ରଧାନ କହିଛନ୍ତି।

## ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଫିରିଙ୍ଗିଆ, ୨୪।୧(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବରେ ଗୋଛାପଡ଼ା ସରକାରୀ ଉଚ୍ଚ




ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରମେଶ କୁମାର ପ୍ରଧାନ ଯୋଗ ଦେଇଥିଲେ। ଅନ୍ୟଅତିଥି ଭାବେ ନେଡିପଦର ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ପାଢ଼ୀ, ଦାମିଙ୍ଗିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କହଁର, ପର୍ଶୁରାମ କହଁର ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ରାଇକିଆ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଉମାକାନ୍ତ ସାମନ୍ତରାୟ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ଏଲିମା ପ୍ରିୟଦର୍ଶିନୀ ଓ ଶିକ୍ଷକ ଉମେଶ ବେହେରା ମଞ୍ଚ ପରିଚାଳନା କରିଥିଲେ।

## ମୋ ଓଡ଼ିଶା ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

**ଟିକାବାଲି, ୨୪।୧(ସମିତ):** କନ୍ଧମାଳ ଜିଲ୍ଲା ଟିକାବାଲି ଏଏମସିଏସ ମହାବିଦ୍ୟାଳୟ ରେ ମୋ ଓଡ଼ିଶା ସାହିତ୍ୟ ପ୍ରତିଯୋଗିତା ଓ ଜଗନ୍ନାଥ ସଂସ୍କୃତିର ଉଦଯାପନୀ ଉତ୍ସବ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ଧରାକୋଟର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଡ଼ ବିମଳ ପ୍ରସାଦ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଗଞ୍ଜାମ ପିତଳସ୍ଥିତ ଚନ୍ଦ୍ରିକା ପତ୍ରିକାର ସମ୍ପାଦକ ବିଚିତ୍ରା ନନ୍ଦ ମୁନୀ, ସମ୍ମାନିତ ଅତିଥିଭାବେ ପୂର୍ବତନ ଶିକ୍ଷକ ଦୀନକୃଷ୍ଣ ମହାପାତ୍ର, ବରିଷ୍ଠ କିରାଣୀ ତଥା କବି ମନୋଜ କୁମାର ଭୋଇ ଯୋଗଦେଇ ଓଡ଼ିଆ ସାହିତ୍ୟର ସମୃଦ୍ଧି ବିକାଶ ଓ ଉତ୍କଳୀୟ ସଂସ୍କୃତିରେ ଶ୍ରୀ ଜଗନ୍ନାଥ ଶୀର୍ଷକକୁ ନେଇ ଆଲୋଚନା କରିଥିଲେ। ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର, ଟ୍ରଫି ଓ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ନୋଡାଲ ଅଫିସର ଅଧ୍ୟାପିକା ନିବେଦିତା ଭୋଇ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଯୁକ୍ତ ଦୁଇର ନୋଡାଲ ଅଫିସର ଅଧ୍ୟାପିକା ଚମ୍ପା ସୋରେନ ଧନ୍ୟବାଦ ଅର୍ପଣ କରିଥିଲେ।



## ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ପରାକ୍ରମ ଦିବସ

**ପାରଳାଖେମୁଣ୍ଡି, ୨୪।୧(ସମିସ) :** ଗଜପତି ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉପଲକ୍ଷେ ପରାକ୍ରମ ଦିବସ ପାଳିତ ହୋଇଥିଲା। ନେତାଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ତାଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏହା ପରେ ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ବିଦ୍ୟାଳୟର ୧୦୦ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରୀକ୍ଷା ପେ ଚର୍ଚ୍ଚା କାର୍ଯକ୍ରମ୍ୟ ଉପରେ ଚିତ୍ରକଳା ପ୍ରତିଯୋଗିତା ଆୟୋଜନ ହୋଇଥିଲା। ବିଜେତାଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ପଣ୍ଡା ଏବଂ ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ କାର୍ଯକ୍ରମ ପରିଚାଳନା କରିଥିଲେ।

## 'ନୂଆ -ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ

**ଦାରିଙ୍ଗବାଡ଼ି /ବ୍ରାହ୍ମଣୀଗାଁ, ୨୪।୧(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ରଷିମାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୂଆ ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର ଉଦଯାପନୀ ଉତ୍ସବ ବିଦ୍ୟାଳୟ ପ୍ରାଙ୍ଗଣରେ ହୋଇଥିଲା। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଦେବରାଜ ବାଲିଆରସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପବାଚସ୍ପତି ସାଲୁଗା ପ୍ରଧାନ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଉପବାଚସ୍ପତି ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଆଞ୍ଚଳିକ ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାସ, ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ମହାମାୟୀ ମହିଳା ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼.କୃଷ୍ଣ ପ୍ରସାଦ ମହାପାତ୍ର, ସମ୍ମାନୀତ ଅତିଥି ଭାବେ ବିଡ଼ିଓ ଗଦାଧର ପାତ୍ର, ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ତହସିଲଦାର ଶରତ ଶବର, ବିଦ୍ୟାଳୟ ପ୍ରତିଷ୍ଠାତା ତଥା ସଭାପତି ରାମଚନ୍ଦ୍ର ପାତ୍ର, ସ୍ନାତକ ମହାବିଦ୍ୟାଳୟ ସଭାପତି ଅଜୟ କୁମାର ରଣସିଂ, ବ୍ରାହ୍ମଣୀଗାଁ ସରପଞ୍ଚ ସଂଯୁକ୍ତା ମଲ୍ଲିକ ମଞ୍ଚାସୀନ ଥିଲେ। ଇତିହାସ ଅଧ୍ୟାପକ ରାଜକିଶୋର ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼. ଭାସ୍କର ଚରଣ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରତିନିଧି ଦୀପକ ସାହୁ, ଚିନା ଦୋରା, ଲ୍ୟାମ୍ପସ ଉପ ସଭାପତି ଧର୍ମେନ୍ଦ୍ର ପ୍ରଧାନ, ଛାତ୍ର ସଭାପତି ରୂପକ ସାହୁ, ବିରଞ୍ଚି ବିଶୋଇ, ମନ୍ମଥ ପାତ୍ର, ଟୁକୁନା ମହାନ୍ତି, ଦେବ ମଲ୍ଲିକ, ଜିଲ୍ଲା ସହ ସମ୍ପାଦକ ବାବୁନି ପଣ୍ଡା ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।



# ଜାତୀୟ ବାଳିକା ଦିବସ ପାଳିତ





**ଦାରିଙ୍ଗବାଡ଼ି, ୨୪।୧(ସମିସ)**

ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରେମ୍- ଏଡୁକୋ ଏବଂ ସମନ୍ୱିତ ଶିଶୁ ବିକାଶର ମିଳିତ ଆନୁକୂଲ୍ୟରେ କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକର ବିଭିନ୍ନ ପଞ୍ଚାୟତରେ ଜାତୀୟ ବାଳିକା ଦିବସ ପାଳନ କରାଯାଇଛି। ବୁଧବାର ଠାରୁ ଫେବ୍ରୁଆରୀ ୧୨ ତାରିଖ ପର୍ଯ୍ୟନ୍ତ ୨୦ ଦିନ ସଚେତନତା ଅଭିଯାନ ଭାବରେ ପାଳନ କରାଯିବ। ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ପିତାମାତା, ଅଭିଭାବକ ଏବଂ ଅନ୍ୟାନ୍ୟ ପ୍ରାଥମିକ ଦାୟିତ୍ୱାଧିକାରୀଙ୍କ ମଧ୍ୟରେ ଏହି ଦିବସର ମହତ୍ତ୍ୱକୁ ବୁଝିବା, ବାଳିକାଙ୍କ ଅଧିକାର ବିଷୟରେ ସଚେତନତା ସୃଷ୍ଟି କରିବା, ବାଳିକାଙ୍କୁ ସବୁ ଦିଗରେ ସଶକ୍ତିକରଣ କରି ସେମାନଙ୍କ ପାଇଁ ଯଥେଷ୍ଟ ସୁଯୋଗ ସୃଷ୍ଟି କରିବା, ଅଞ୍ଚଳରେ ବାଳିକା ସମ୍ମୁଖୀନ ହେଉଥିବା ଲିଙ୍ଗୀୟ ଅସମାନତା, ଲିଙ୍ଗଗତ ଶୋଷଣ ଓ ଅପ ବ୍ୟବହାରକୁ ରୋକିବା ବିଷୟରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ ବୋଲି କୁହାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମସ୍ତରୀୟ ସଚେତନତା ବୈଠକ, ଶୋଭାଯାତ୍ରା ହୋଇଥିଲା ଏବଂ ସମସ୍ତ ପିତାମାତା, ଦାୟିତ୍ୱାଧିକାରୀ ବାଳିକାଙ୍କ ଯତ୍ନ, ସୁରକ୍ଷା, ବିକାଶ ଏବଂ ମଙ୍ଗଳ ପାଇଁ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ନିମନ୍ତେ ମିଳିତ ଭାବରେ ଶପଥ ନେଇଥିଲେ। ଏହା ସହିତ ବିଦ୍ୟାଳୟରେ ମଧ୍ୟ ଛାତ୍ରଛାତ୍ରୀ ଓ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ନେଇ ସଚେତନତା ବୈଠକ ହୋଇଥିଲା। ସମସ୍ତେ ମିଳିତ ଭାବରେ ବାଳିକାଙ୍କ ଯତ୍ନ, ସୁରକ୍ଷା ଓ ବିକାଶ ପାଇଁ ଶପଥ ନେଇଥିଲେ।

**ଟିକାବାଲି:** କନ୍ଧମାଳ ଜିଲ୍ଲା ଟିକାବାଲି ଗୋଷ୍ଠୀ ଶିକ୍ଷା ଅଧୀନରେ ଥିବା ଗୋଷ୍ଠୀ ସାଧନ କେନ୍ଦ୍ରରେ ଜାତୀୟ ବାଳିକା ଦିବସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଟିକାବାଲି ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ଓ ପ୍ରତିଷ୍ଠାନର ଅଧ୍ୟକ୍ଷ ବାମଦେବ ତ୍ରିପାଠୀ ମୁଖ୍ୟଅତିଥି ରୂପେ, ମୁଖ୍ୟବକ୍ତା ରୂପେ ଟିକାବାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗନ୍ନାଥ ସାହାଣୀ ଓ ସମ୍ମାନିତ ଅତିଥି ଭାବେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ୍ତ ନାୟକ ଓ ବିନୋଦିନୀ ସାମଲ ଯୋଗ ଦେଇଥିଲେ। ଏଥିରେ ଟିକାବାଲି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧିନସ୍ଥ ସମସ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ର ପ୍ରତିଭାମୟୀ ବାଳିକା ଯୋଗ ଦେଇ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସଫଳ ଶିକ୍ଷାର୍ଥୀଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ସିଆରସିସି ପବିତ୍ର କୁମାର ସାହୁ, ଅରବିନ୍ଦ ମହାପାତ୍ର, ବିଷ୍ଣୁ ପ୍ରସାଦ ହୋତା, ରବିନାରାୟଣ ସାହୁ, ସନ୍ତୋଷ ମିଶ୍ର, ଜୟପ୍ରକାଶ ପାତ୍ର, ଶୁଭସ୍ମୃତି ଦାଶ, ଜ୍ୟୋତ୍ସ୍ନା ରାଣୀ ଜେନା ଓ ବରିଷ୍ଠ ଶିକ୍ଷକ ପ୍ରଦୀପ ମହାପାତ୍ର ପରିଚାଳନା କରିଥିଲେ।

# ନିଯୁକ୍ତି ଦାବି: ଆଇଆରଇଏଲ୍ ଫାଟକ ସମ୍ମୁଖରେ ଧାରଣା




ଛତ୍ରପୁର,୨୪ ।୧(ସମିସ): ଛତ୍ରପୁର ଉପକଣ୍ଠ ଭାରତୀୟ ବିରଳ ମୃତ୍ତିକା କମ୍ପାନିରେ କାର୍ଯ୍ୟରତ ମୃତ କର୍ମଚାରୀଙ୍କ ଉତ୍ତରାଧିକାରୀଙ୍କୁ ନିଯୁକ୍ତି ଦେବା ଦାବି ନେଇ ଚାଲିଥିବା ଆନ୍ଦୋଳନକୁ ତୀବ୍ର କରାଯାଇଛି । ବହୁ ଦିନ ବିତିଯାଇଥିଲେ ବି ସେମାନଙ୍କ ଗୁହାରି କେହିବି ଶୁଣୁନାହାନ୍ତି ତେଣୁ ସେମାନେ ବାଧ ହୋଇ ବୁଧବାର ଆଇଆରଇଏଲ ମୁଖ୍ୟ ଫାଟକ ବନ୍ଦ କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି । ସୂଚନାଥାଉକି ଯେ, ମୃତ କର୍ମଚାରୀଙ୍କ ପରିବାର ବର୍ଗରୁ ଆଇଆରଇଏଲ ପକ୍ଷରୁ ୨୦୧୫ରୁ ୨୦୧୮ ମଧ୍ୟରେ ମାତ୍ର ୨୩ଜଣ ଲୋକଙ୍କୁ ନିଯୁକ୍ତି ମିଳିଥିବା ବେଳେ ଆହୁରି ୪୦ରୁ ଅଧିକା ବ୍ୟକ୍ତି ନିଯୁକ୍ତି ମିଳି ନଥିବା ସେମାନେ କହିଥିଲେ ।୨୦୧୯ରୁ ଜଣକୁ ବି ନିଯୁକ୍ତି ମିଳିନାହିଁ। ଏହି ଆନ୍ଦୋଳନରେ ଶ୍ରୀରାମପୁର ପଞ୍ଚାୟତ ସମିତି ସଭ୍ୟ ଏସ. ଚକ୍ରପାଣି ରେଡ୍ଡୀ, ଯୁବ ବିଜେଡି ଜିଲ୍ଲା ସଭାପତି ଭବାନୀକାନ୍ତ ସାହୁ, ଅଜୟ ଚୌଧୁରୀ, ନୃସିଂହ ଗୌଡ଼, ଅବନୀକାନ୍ତ ସାହୁ, ରଞ୍ଜିତ କୁମାର ବେହେରା, ବିଘ୍ନେଶ୍ୱର ଶଣ୍ଢ, ମହମଦ ମହସିନ, ପ୍ରମିତା ପ୍ରଧାନ, ନେତ୍ରା ସାହୁ, ରବୀନ୍ଦ୍ର ବେହେରା ଓ ସାରଥି ବେହେରାଙ୍କ ସମେତ ବହୁ ପରିବାର ବର୍ଗ ସାମିଲ ଥିଲେ ।

## 'ନୂଆ-ଓ' ଭାଷା ସାହିତ୍ୟ ପ୍ରତିଯୋଗିତା




**ଜଗନ୍ନାଥପ୍ରସାଦ,୨୪ ।୧(ସମିସ):** ଜଗନ୍ନାଥ ପ୍ରସାଦ ଆଞ୍ଚଳିକ ଡ଼ିଗ୍ରୀ କଲେଜ ପରିସରରେ ନୂଆଁ-ଓ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ସନାତନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପିପୁଲସ୍ କଲେଜ, ବୁଗୁଡ଼ାର ଭାଷା ଓ ସାହିତ୍ୟ ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼ଃ ହିମାଂଶୁ ଶେଖର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବେ ବିଭୂତି ଭୂଷଣ ମିଶ୍ର ଜଗନ୍ନାଥ ସଂସ୍କୃତି ବିଷୟରେ ଆଲୋଚନା କରିଥିଲେ । ସମ୍ମାନନୀୟ ଅତିଥି ଭାବେ କଲେଜ ପରିଚାଳନା ସମିତି ସଭାପତି ବେଣୁଧର ସାବତ ଯୋଗଦେଇଥିଲେ । ନୋଡାଲ ଅଧିକାରୀ ନିରଞ୍ଜନ ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଡ଼ଃ ବିନୋଦ କୁମାର ଦାଶ, ଅଧ୍ୟାପକ ବିଭୂତି ଭୂଷଣ ପ୍ରଧାନ, ବିରଞ୍ଚି ନାରାୟଣ ପ୍ରଧାନ, ଶ୍ରୀକାନ୍ତ ପାତ୍ର, ଅଧ୍ୟାପିକା ସୁଚରିତା କର, ସୁନିତା ବିଷୋୟୀ ଉପସ୍ଥିତ ଥିଲେ । ପରିଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ବରିଷ୍ଠ ଅଧ୍ୟାପକ ଡ଼ଃ ପ୍ରମୋଦ କୁମାର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ । ରଘୁନାଥ ପାଣି, ଡିଇଓ ସରୋଜ କୁମାର ନାୟକଙ୍କ ସମେତ ସ୍ୱେଚ୍ଛାସେବୀ ଫକୀର ମୋହନ ସେନାପତି, ଆଶିଷ ପାଢ଼ୀ, ଓମ୍ ପ୍ରକାଶ ପ୍ରଧାନ, କାମେଶ୍ୱର ଗୌଡ଼, ନୀଳାଚଳ ପ୍ରଧାନ ସହଯୋଗ କରିଥିଲେ ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



ସାନଖେମୁଣ୍ଡି,୨୪ ।୧(ସମିସ): ସାନଖେମୁଣ୍ଡି ବ୍ଲକ ଟି.ଗୋବିନ୍ଦପୁର ପଞ୍ଚାୟତ ଢ଼ିମ୍ବିରାପଲ୍ଲୀ ଗ୍ରାମ ଶିବ ମନ୍ଦିର ନିକଟରେ ବୁଧବାର ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସାନଖେମୁଣ୍ଡି ବିଡିଓ ଜୀତେନ୍ଦ୍ର କୁମାର ମିଶ୍ର, ବ୍ଲକ ଅଧ୍ୟକ୍ଷ ସୀମାଞ୍ଚଳ ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ବିଜୟ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପଞ୍ଚାୟତସ୍ତରରେ ଲୋକଙ୍କୁ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା କରାଗଲା । ଅନ୍ୟମାନଙ୍କ ମଧ୍ୟରେ ଟି.ଗୋବିନ୍ଦପୁର ସରପଞ୍ଚ ପ୍ରତିନିଧି ମଙ୍ଗଳା ଗମଙ୍ଗୋ, ସମିତି ସଭ୍ୟକ୍ଷ ଉବି ଦଳେଇ, ପିଇଓ ରାମ ପ୍ରସାଦ ପୃଷ୍ଟି, ଯନ୍ତ୍ରୀ ମନୋଜ ବେହେରା, ଅଙ୍ଗନବାଡ଼ି କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଗ୍ରାମବାସୀଙ୍କ ସମେତ ଲାଇନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ଭତ୍ତାଟଙ୍କାରୁ ବଞ୍ଚିତ: ହିତାଧିକାରୀ ବିଡିଓଙ୍କୁ ଫେରାଦ



ଜଗନ୍ନାଥପ୍ରସାଦ,୨୪ ।୧(ସସିସ): ରାଜ୍ୟ ସରକାର ବୃଦ୍ଧବୃଦ୍ଧାଙ୍କ ଲାଗି ମଧୁବାବୁ ପେନସନ୍ ଯୋଜନାରେ ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ବିଧବା ଭତ୍ତା ଯୋଗାଇ ଦେଇଛନ୍ତି । କିନ୍ତୁ ଜଗନ୍ନାଥ ପ୍ରସାଦ ବ୍ଲକର ଅନେକ ପଞ୍ଚାୟତର ବୃଦ୍ଧବୃଦ୍ଧା ମାନେ ଦୀର୍ଘ ଦୁଇ ମାସ ହେଲା ଭିନ୍ନକ୍ଷମ ଏବଂ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ଥିବା ବୃଦ୍ଧାମାନେ ସ୍ଥାନୀୟ ବିଡିଓଙ୍କ କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିଛନ୍ତି । ଜଗନ୍ନାଥ ପ୍ରସାଦ ବ୍ଲକରେ ଶତ ପ୍ରତିଶତ ଭତ୍ତା ଯୋଗାଇ ଦିଆଯାଇଥିବା ସ୍ଥଳେ ଅନେକ ବୃଦ୍ଧବୃଦ୍ଧା ଏବଂ ଭିନ୍ନକ୍ଷମ ମାନଙ୍କୁ ଗତ ଦୁଇମାସ ହେଲା ଭତ୍ତା ଟଙ୍କା ନ ମିଳିବାରୁ ବୁଧବାର ବିଡିଓ ଅଶ୍ୱିନୀ କୁମାର ମହାପାତ୍ରଙ୍କ କାର୍ଯ୍ୟାଳୟ ନିକଟରେ ଅଭିଯୋଗ ପତ୍ର ପ୍ରଦାନ ପାଇଁ ଅପେକ୍ଷା କରିଛନ୍ତି । ସୂଚନା ପ୍ରକାରେ କ୍ଷେତମୁଣ୍ଡାଳି ପଞ୍ଚାୟତ ଅଧୀନ ବନ୍ତା ଗ୍ରାମ ଡିହସାହିର ଗୋବିନ୍ଦ ପ୍ରଧାନ (୭୨), ଅଳସୁ ପଞ୍ଚାୟତର ଖାଦାଳ ନାଇକ (୭୨), ଜଗନ୍ନାଥ ପ୍ରସାଦ ପଞ୍ଚାୟତର ଧୋବା ସାହୁ ଏବଂ ଜଳନ୍ଧର ଭୂୟାଁ ଓ ଡୁଙ୍ଗାପଲି ଗ୍ରାମର ସୁକୁମାରି ବାରିକ, ରାଉତି ପଞ୍ଚାୟତ ଚାରିକୋଣିଆ ଗ୍ରାମର ପଞ୍ଚୁ ସେଠୀଙ୍କ ସମେତ ଅନେକ ବୃଦ୍ଧ ଓ ବୃଦ୍ଧାଙ୍କୁ ଭତ୍ତା ଟଙ୍କା ବାବଦରେ ମାସିକ ୫୦୦ ଟଙ୍କା ମିଳୁଥିଲା । କିନ୍ତୁ ଏହି ଟଙ୍କା ଗତ ନଭେମ୍ବର ମାସରୁ ଆଜିଯାଏଁ ପାଇ ନ ଥିବା ଅଭିଯୋଗ କରିଛନ୍ତି । ଭତ୍ତା ଟଙ୍କା ନ ମିଳିବାରୁ ସ୍ଥାନୀୟ ରାଜନେତାଙ୍କୁ କହିଥିଲେ ଏବଂ ବ୍ୟାଙ୍କ ଖାତା ଅପଡେଟ ପାଇଁ ସୂଚନା ଦେଇଥିଲେ । ବ୍ୟାଙ୍କ ଯାଇ ନିଜର ସଂଚୟ ଖାତା ଦେଖିଲା ବେଳକୁ ଟଙ୍କା ଖାତାରେ ଜମା ନ ଥିବା ଜଣାପଡିଥିଲା । ତେଣୁ ସଞ୍ଚୟଖାତା ଏବଂ ଭତ୍ତା ପ୍ରମାଣପତ୍ର ଧରି ସେମାନେ ବୁଧବାର ସ୍ଥାନୀୟ ବିଡିଓଙ୍କ କାର୍ଯ୍ୟାଳୟରେ ଅପେକ୍ଷା କରିଥିଲେ । ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଭିଡିଓ କଂଫେରାନ୍ସ ଚାଲିଥିବାରୁ ସେମାନେ ସାମାଜିକ ସୁରକ୍ଷା ଓ ଭିର୍ଣ୍ଣକ୍ଷମ ସଶକ୍ତିକରଣ ବିଭାଗ ମିତାଲି ପ୍ରିୟଦର୍ଶିନୀଙ୍କ କାର୍ଯ୍ୟାଳୟ ଆଗରେ ବସିଥିଲେ ଏବଂ ସେମାନଙ୍କ ପ୍ରମାଣପତ୍ରକୁ ନେଇ ଯାଞ୍ଚ କରିଥିଲେ । ତେବେ ବ୍ଲକ ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



**କବିସୂର୍ଯ୍ୟନଗର,୨୪ ।୧(ସମିସ):** କବିସୂର୍ଯ୍ୟନଗର ବ୍ଲକ ଜରଡ଼ ଗ୍ରାମରେ ପଞ୍ଚାୟତସ୍ତରିୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ । ଶିବିରରେ ୬ନଂ ଜୋନ ଜିଲ୍ଲା ପରିଷଦ ସଂଗୀତା ସ୍ୱାଇଁ, ଆସିକା ସାଂସଦ ପ୍ରତିନିଧି ତଥା ପାଇକଯମୁନା ସରପଞ୍ଚ ସତ୍ୟବାନ ସାହୁ, ଜରଡ଼ ସରପଞ୍ଚ ପଦ୍ମଚରଣ ନାହାକ, ଜରଡ଼ ସମିତି ସଭ୍ୟ ରାଜେଶ କୁମାର ତ୍ରିପାଠୀ, ଆଠଗଡ ସରପଞ୍ଚ ପ୍ରତିନିଧି ଆଦିତ୍ୟ କୁମାର ତ୍ରିପାଠୀ, ବଡ଼ମହୁରୀ ସମିତି ସଭ୍ୟ ବ୍ରଜେନ୍ଦ୍ର ପ୍ରଧାନ, ବାଉଁସିଆ ସରପଞ୍ଚ ପ୍ରତିନିଧି ଗୌତମ ଦାସ, ଗଙ୍ଗାପୁର ସରପଞ୍ଚ ପ୍ରତିନିଧି କିରଣ ସେଠୀ, ଖଜାପଲ୍ଲୀ ସରପଞ୍ଚ ପ୍ରତିନିଧି ହୃଦାନନ୍ଦ ପ୍ରଧାନ, ଶିଆଳିଆ ସରପଞ୍ଚ ପ୍ରତିନିଧି ଭଗବାନ ରାଉତ, ସୁନାପଲ୍ଲୀ ସରପଞ୍ଚ ପ୍ରତିନିଧି ରାଜେଶ ଦାସ ପ୍ରମୁଖ ଜନପ୍ରତିନିଧି ଯୋଗ ଦେଇଥିଲେ । ସରକାରୀ ବିଭାଗୀୟ କର୍ମଚାରୀ ମଧ୍ୟରୁ ଏବିଡିଓ ନାରାୟଣ ବେହେରା, ଏବିଇଓ ରବି ନାରାୟଣ ବେହେରା, ବିଏସଏସଓ ରାମଚନ୍ଦ୍ର ଜେନା, ବିପିଏମ ରାଜ କୁମାର ସାହୁ, ସିପି ବିଶ୍ୱନାଥ ଦାସ, ପିଓ ରାଜେଶ୍ୱରୀ ହାତୀ, ମୁଖ୍ୟ କିରାଣୀ ଜୟରାମ ସାହୁ, ଜିପିଇଓ ପ୍ରଭଞ୍ଜନ ପରିଡ଼ା, ସିଆରସିସି କିରଣ କୁମାର ଦାସ, ଅଙ୍ଗନବାଡି ସୁପରଭାଇଜର ମଞ୍ଜୁଶ୍ରୀ ବେହେରା । ସହଯୋଗ କରିଥିଲେ । ପ୍ରଧାନ ଶିକ୍ଷକ ଦିବାକର ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ବାଇକ୍ ଧକ୍କାରେ ଜଣେ ମୃତ

କବିସୂର୍ଯ୍ୟନଗର,୨୪ ।୧(ସମିସ): କବିସୂର୍ଯ୍ୟନଗର ଥାନା ପଥରା ନିକଟ ଖଟେଇ କଲୋନୀରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଦୁର୍ଘଟଣା ଘଟିଛି । ସାଇକେଲ ଓ ବାଇକ ପରସ୍ପର ଧକ୍କା ହେବା ଫଳରେ ସାଇକେଲ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି । ଉଭୟଙ୍କୁ ଆସିକା ମେଡିକାଲରେ ଭର୍ତ୍ତି କରାଯାଇଛି । ମୃତକହେଲେ ଆମ୍ବପୁଆର ମୁରଲୀ ଧର ଜେନା । ପୁଲିସ ଶବ ଜବତ କରିବା ସହ ଘଟଣାର ତଦନ୍ତ କରୁଛି ।

## ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ



ଆସିକା,୨୪ ।୧(ସମିସ): ଆସିକା ବ୍ଲକର ବଡ଼ଖୋଲି ପଞ୍ଚାୟତରେ ଆମ ଓଡିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମକୁ ଉଦଘାଟନ କଲେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ । ଜିଲ୍ଲା ପରିଷଦ ସଭ୍ୟ ତନ୍ମୟୀ ନାହାକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ଦୁର୍ଗା ମାଧବ ବେହେରା ଉପସ୍ଥିତ ଥିବାବେଳେ ବ୍ଲକ ଅଧ୍ୟକ୍ଷ ତ୍ରିବେଣୀ ନାହାକ ଯୋଗ ଦେଇ ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ କାର୍ଯ୍ୟକ୍ରମ ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ଗଞ୍ଜାମ ଜୋନ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷା ରେଶମା ଦୋରା, ଜିଲ୍ଲା ପରିଷଦ ସଭ୍ୟ ମନୋଜ ଦୋରା, ସରପଞ୍ଚ ନମିତା ଜେନା, ବ୍ଲକ ସଭାପତି ରାଜେଶ ପଟ୍ଟନାୟକ, ବିଜୟ ନାହାକ, ଜିତେନ୍ଦ୍ର ମହାରଣାଙ୍କ ସମେତ ଅଙ୍ଗନବାଡି କର୍ମୀ, ସିଆରପି ମାନେ ଉପସ୍ଥିତ ଥିଲେ ।

## ଜଗମୋହନ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଧରାକୋଟ,୨୪ ।୧(ସମିସ): ଧରାକୋଟ ବ୍ଲକ ଅନ୍ତର୍ଗତ ଜଗମୋହନ ଉନ୍ନିତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ସସ୍ମିତା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଏବିଇଓ ପ୍ରଦୀପ କୁମାର ଶତପଥୀ, ସମ୍ମାନିତ ଅତିଥି ଭାବରେ ଡାକ୍ତର ଯୁଧିଷ୍ଠିର ପ୍ରଧାନ, ସରପଞ୍ଚ ଲିନା କୁମାରୀ ମହାରଣା, ସମିତି ସଦସ୍ୟ ବିଭୂତି ଭୂଷଣ ବେବର୍ତ୍ତା, ସମାଜସେବୀ ବ୍ରହ୍ମାନନ୍ଦ ଆଚାରି, ଅବସରପ୍ରାପ୍ତ ଶିକ୍ଷକ ନୀଳାଚଳ ସାହୁ, ଭାସ୍କର ସାହୁ, ପିଟିଏ ସଭାପତି ବଲ୍ଲଭ ସାହୁ ଓ ସିଆରସିସି ରଞ୍ଜନ ନାୟକ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ରବୀନ୍ଦ୍ର ସାହୁ ଓ ଭୀମ ସାହୁଙ୍କ ସହଯୋଗରେ ପରିବେଷଣ କରାଯାଇଥିଲା । ଅଭୟ କୁମାର ସାହୁଙ୍କ ନିର୍ଦ୍ଦେଶନାରେ ଶିକ୍ଷା ଉପଯୋଗୀ ନାଟକ 'ଦାସ ବାବୁଙ୍କ ଆଖିରେ ଲୁହ' ମଞ୍ଚସ୍ଥ ହୋଇଥିଲା । ଶିକ୍ଷକ ସର୍ବଶ୍ରୀ ସନ୍ତୋଷ ସାହୁ, ପ୍ରେମାନନ୍ଦ ପାତ୍ର, ଗିରିଧାରୀ ନାୟକ, ବାଣିଶ୍ରୀ ଶତପଥୀ, ଶାନ୍ତିଲତା ବେହେରା, ସୁଷମା ସାହୁ, ସୁନୀତା ବେହେରା, ଦୀପ୍ତିରାଣୀ ପାତ୍ର ପ୍ରମୁଖ ସହଯୋଗ କରିଥିବାବେଳେ ଅରସୁଲୁ ସେଠୀ ଓ କାଳୁଚରଣ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା



ଛତ୍ରପୁର,୨୪ ।୧(ସମିସ): ଛତ୍ରପୁର ବ୍ଲକ ଅନ୍ତର୍ଗତ ଚିକଲଖଣ୍ଡି ପଞ୍ଚାୟତରେ ଆମ ଓଡିଶା ନବୀନ ଓଡିଶା ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ୨୦ନଂ ଜିଲ୍ଲା ପରିଷଦ ସଭ୍ୟ ଏମ. ଧନଞ୍ଜୟ ରେଡ୍ଡୀ, ସରପଞ୍ଚ ଭଗବାନ ବେହେରା ଓ ଯୁବ ନେତା ଅଭିରାମ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ସହିତ ପଞ୍ଚାୟତରେ ହୋଇଥିବା ବିଭିନ୍ନ ବିକାଶର ଏକ ପୁସ୍ତିକାକୁ ଉନ୍ମୋଚନ କରିଥିଲେ । କାର୍ଯ୍ୟକ୍ରମରେ ଛତ୍ରପୁର ବିଡ଼ିଓ ସୁଶାନ୍ତ କୁମାର ବରାଳ, ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମୁନା ଦାସ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଏନ. ଦୁର୍ଯ୍ୟୋଧନ ରେଡ୍ଡୀ ଓ ମଥୁରା ଚରଣ ସୁବୁଦ୍ଧି, ୧୯ନଂ ଜିଲ୍ଲା ପରିଷଦ ସଭ୍ୟା ରଶ୍ମିତା ନାହାକ, ଛତ୍ରପୁର ବ୍ଲକ ବିଜେଡି ସଭାପତି ପ୍ରବାସୀ ପ୍ରଧାନ, ଛତ୍ରପୁର ନଗର ବିଜେଡି ସଭାପତି ବି. ରାଜୁବାବୁ, ଉପସଭାପତି ଅଟଳ ବିହାରୀ ପଟ୍ଟନାୟକ, ଯୁବ ବିଜେଡି ଛତ୍ରପୁର ନିର୍ବାଚନ ମଣ୍ଡଳୀ ସଭାପତି ସନମୁଖ ପଟ୍ଟନାୟକ, ଛତ୍ରପୁର ବ୍ଲକ ଯୁବ ବିଜେଡି ସଭାପତି ସୁବାସ ଚନ୍ଦ୍ର ନାହାକ, ଉପସଭାପତି କାହ୍ନୁଚରଣ ବେହେରା, ଛତ୍ରପୁର ଏନଏସି ଉପାଧ୍ୟକ୍ଷ ଜି. ପାପା ରାଓ, ୧୦ ନଂ ୱାର୍ଡ କାଉନସିଲର ଦେବାଶିଷ ମିଶ୍ର, ପୂର୍ବତନ ଏନଏସି ଉପାଧ୍ୟକ୍ଷ ପ୍ରଦୋଷ କୁମାର ବେହେରା, ଯୁବ ନେତା ସନ୍ତୋଷ ବେହେରା, ଟିକିନା ଗୌଡ଼, ଏସ. କାନ୍ତେୟା ରେଡ୍ଡୀ, ସୁରେଶ ଦାଶ, କିଶୋର ବେହେରା ଓ ବି ଶଙ୍କର ରେଡ୍ଡୀଙ୍କ ସମେତ ବହୁ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ/ସଭ୍ୟା ଏବଂ ଜନପ୍ରତିନିଧି ଓ ମହିଳା ମାନେ ଯୋଗ ଦେଇଥିଲେ ।

## ନେତାଜୀ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ



**ରମ୍ଭା,୨୪ ।୧(ସମିସ):** ପାଲୁରୁ ଜଙ୍କସନ୍ ସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରରେ ନେତାଜୀ ଓ ସୁରେନ୍ଦ୍ର ସାଏ ଜୟନ୍ତୀ ପାଳିତ ହୋଇଯାଇଛି । ପ୍ରଧାନ ଆଚାର୍ଯ୍ୟା ସସ୍ମିତା ମହାରଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବିଦ୍ୟାଳୟର ଉପଦେଷ୍ଟା ତଥା ରାଜ୍ୟପାଳ ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଦେଶ ଭକ୍ତି ଉପରେ ପର୍ଯ୍ୟାଲୋଚନା କରିଥିଲେ । ମୁଖ୍ୟ ଅତିଥି ଭାବେ ଶିକ୍ଷକ ଗଣେଶ ବେହେରା ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୀବନାଦର୍ଶ ବିଷୟରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ପଣ୍ଡା ଯୋଗଦେଇଥିବା ବେଳେ ପ୍ରମୋଦ କୁମାର ବାରିକ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ । କୃତୀ ଛାତ୍ରଛାତ୍ରୀ ଇତିଶ୍ରୀ ସାହୁ, ସନ୍ଧ୍ୟାରାଣୀ ନାହାକ, ସ୍ନେହାଶ୍ରୀ ପ୍ରଧାନ, ଶୁଭମ୍ ନାୟକ, ଚନ୍ଦନ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ଦେବାଶିଷ ସାହୁ, ମନୋଜ କୁମାର ପାଢ଼ୀ, ସ୍ୱପ୍ନାରାଣୀ ପାତ୍ର, ଦୀପାସାହୁ, ଗୁରୁବାର ବେହେରା, ରୂପାଲି ମୁଦୁଲି, ସୁଦେଷ୍ଣା ପାଣିଗ୍ରାହୀ, ମାମାଲି ସାହୁ,ପି. ସନ୍ଧ୍ୟା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

## ଉନ୍ନୟନ ପ୍ରକଳ୍ପ ଓ ରୂପାନ୍ତରିତ କାର୍ଯ୍ୟକ୍ରମ



ରଙ୍ଗେଇଲୁଣ୍ଡା,୨୪ ।୧(ସମିସ): ଆମ ଓଡ଼ିଶା ଓ ନବୀନ ଓଡ଼ିଶା ଗ୍ରାମାଞ୍ଚଳର ଭିତ୍ତିଭୂମିର ବିକାଶ ନେଇ ବୁଧବାର ଗୋପାଳପୁର ନିର୍ବାଚନମଣ୍ଡଳୀ ଅଧିନସ୍ଥ ରଣ୍ଡା ଓ ଗଞ୍ଜୁ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିଥି ଭାବେ ଗଞ୍ଜାମ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗଦେଇଥିଲେ ଉଦଘାଟନ କରିଥିଲେ । ରଣ୍ଡା ସରପଞ୍ଚ ଅଜିତ କୁମାର ରାଉଳ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଅନ୍ୟ ଅତିଥି ଭାବେ ଜିଲା ପରିଷଦ ଉପସଭାପତି ଏସ ରାଜେଶ୍ୱରୀ ଦୋରା, ରଙ୍ଗେଇଲୁଣ୍ଡା ବ୍ଲକ ଅଧ୍ୟକ୍ଷ ସିଏଚ ଉଷା ରାଣୀ ୫୪ ଜିଲା ପରିଷଦ ଦୀପକ କୁମାର ସାମନ୍ତ, ସାଂସଦଙ୍କ ପ୍ରତିନିଧି ଅଜିତ କୁମାର ଦାଶ, ବ୍ଲକ ଉପାଧ୍ୟକ୍ଷ ଅନିତା ମାହାଙ୍କୁଡ ଯୋଗଦେଇଥିଲେ । ସଭାକୁ ଗୀତାଞ୍ଜଳି ପାଣିଗ୍ରାହୀ ପରିଚାଳନା କରିଥିଲେ । ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅଧିକାରୀ ମାନେ ସଚେତନତା କରିଥିଲେ । ସେହିପରି ଗଞ୍ଜୁରେ ମଧ୍ୟ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଗଞ୍ଜୁ ସରପଞ୍ଚ ନିର ବେହେରା, ଅସନ୍ତୁଲୁ ରେଡି, ଦଣ୍ଡପାଣି ବେହେରା, ସୁଧୀର ନାୟକ, ପ୍ରଶାନ୍ତ ଦାସ, ସନ୍ତୋଷ କୁମାର ବେହେରା, କେ ପ୍ରବୀଣ କୁମାର, ବରିଷ୍ଠ ବିଜେଡି ନେତା ବାଇରୀ ପାତ୍ର, ସମାଜସେବୀ ରାମହରି ପାତ୍ର, ବଦ୍ରୀନାଥ ବେହେରା, ଧର୍ମ ରେଡି, ସମିତି ସଭ୍ୟା ପ୍ରତିମା ନାହାକ, ରାଜୀବ ଦାସ, ସନ୍ତୋଷ ପ୍ରଧାନ, ବିନୋଦ କୁମାର ମାହାଙ୍କୁଡ, କୁନା ପାଣିଗ୍ରାହୀ, ରାଜ ପାଢ଼ୀ, ରାଜ ରାଉଳ, ଭକ୍ତ ନାହାକ, ଟୁନା ଦାସ, ମିଳେନ୍ଦ୍ର ପ୍ରଧାନ, ଜନାର୍ଦ୍ଦନ ରାଉଳ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

## କଳସ ଯାତ୍ରା ସହ ଆରମ୍ଭ ହେଲା ମନ୍ଦିର ପ୍ରତିଷ୍ଠା ଉତ୍ସବ

**ସାନଖେମୁଣ୍ଡି,୨୪ ।୧(ସମିସ):** ସାନଖେମୁଣ୍ଡି ବ୍ଲକ କଉଡିଆ ଗ୍ରାମରେ ନୂତନ ଭାବେ ନିର୍ମାଣ ହୋଇଥିବା ଶ୍ରୀରାମ, ଗ୍ରାମଦେବତୀ, ଗଣେଶ ଓ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି । ବାଇଶିଫଳ ଗ୍ରାମ ନିକଟ ନନ୍ଦିନୀ ପୀଠରୁ ମହିଳା ଓ ପୁରୁଷ ମାନେ କଳସୀରେ ଜଳ ଧରି ଏକ ଶୋଭାଯାତ୍ରାରେ ବାଇଶିଫଳ, କଠାମେଣ୍ଟୁ, କଙ୍କୋରଡା ଓ କଉଡ଼ିଆ ଗ୍ରାମରେ ପହଁଚି ପୂଜା ମଣ୍ଡପରେ କଳସ ସ୍ଥାପନ କରିଥିଲେ । ପଣ୍ଡିତ ଅଶୋକ କୁମାର ପାଢୀଙ୍କ ପୌରହିତ୍ୟରେ ଏହି କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ପରେ ନାମ ଜଳାଧିବାସ, ବୁଧବାର ଦିକ୍ଷାଗ୍ରହଣ, ଅଙ୍କୁରାରୋପଣ, ଛପନ ପ୍ରହର ନାମଯଜ୍ଞ, ଗୁରୁବାର ପ୍ରତିଷ୍ଠାରମ୍ଭ, ବ୍ରାହ୍ମଣବରଣ, ଶାଳା ସଂସ୍କାର, ମଣ୍ଡଳ ପୂଜା, ବୈଷ୍ଣବାଗ୍ନି ସ୍ଥାପନ, ଶୁକ୍ରବାର ମଣଳ ପୂଜା, ନୂତନ ବିଗ୍ରହ ମାନଙ୍କ ଅଧିବାସୀ ଓ ନେତ୍ରସ୍ରୋବ କାର୍ଯ୍ୟକ୍ରମ । କାର୍ଯ୍ୟକ୍ରମରେ ଗ୍ରାମର ସଭାପତି କାଳୁ ପରିଡ଼ା, ଉପସଭାପତି ଭାସ୍କର ପ୍ରଧାନ, ସମ୍ପାଦକ ଅଜୟ ଦଳେଇ, କୋଷାଧ୍ୟକ୍ଷ ସୁରେନ୍ଦ୍ର ଦଳେଇ, ଯାତ୍ରା କମିଟିର ମୁଖ୍ୟ ରୋହିତ ଖୁଣ୍ଟିଆ, ଅମିନ ପ୍ରଧାନ, ଶିଶିର ଦଳେଇ, ଅଶୋକ ଖୁଣ୍ଟିଆ ସମସ୍ତ କର୍ମକର୍ତ୍ତା ଓ କଉଡ଼ିଆ ଗ୍ରାମବାସୀ ସହଯୋଗ କରୁଛନ୍ତି ।

## 'ନୂଆ-ଓ' ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବ

ବ୍ରହ୍ମପୁର,୨୪ ।୧(ସମିସ): ଚିକିଟି ମହାବିଦ୍ୟାଳୟରେ ଆୟୋଜିତ "ନୂଆ-ଓ' ସାହିତ୍ୟ ପ୍ରତିଯୋଗିତାର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧ୍ୟକ୍ଷ ଡ. ଭବାନୀ ପ୍ରସାଦ ପଣ୍ଡା ପୌରହିତ୍ୟ କରିଥିଲ । ଉତ୍ସବରେ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ କବି ବିପିନ୍ ନାୟକ ମୁଖ୍ୟ ଅତିଥି ଭାବରେ ଏବଂ ବିଶିଷ୍ଟ ଶିକ୍ଷାବିତ୍ ଅବସର ପ୍ରାପ୍ତ ପ୍ରାଧ୍ୟାପକ ଡ. ଅଲେଖ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ । ଅଧ୍ୟକ୍ଷ ଡ. ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୋଡାଲ ଅଧିକାରୀ ଅଧ୍ୟାପକ ପ୍ରକାଶ ବେହେରା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ସ୍ନାତକ ସ୍ତରର ନୋଡାଲ ଅଧିକାରୀ ଅଧ୍ୟାପକ ଡ. ସଞ୍ଜୟ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ଏ ଅବସରରେ ତିନୋଟି ପ୍ରବନ୍ଧ "ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା","ଡିଜିଟାଲ ଯୁଗରେ ମାତୃଭାଷାର ଭୂମିକା"ଏବଂ "ଆମ ଭାଷା ଆଜି କେଉଁଠି" ଯଥାକ୍ରମେ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ର ତୋଫାନ ସାହୁ, ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ରୀ ସୋନାଲି ନାୟକ ଏବଂ ଶେଷ ବର୍ଷ ସ୍ନାତକ ଛାତ୍ର ଜଗନ୍ନାଥ ବିଷୋୟୀ ପାଠ କରିଥିଲେ । ମଞ୍ଚ ସଞ୍ଚାଳନ କରିଥିଲେ ଅଧ୍ୟାପକ ଡ.ବାବୁଲି ବେହେରା ଏବଂ ଅଧ୍ୟାପିକା ଗୀତାରାଣି ବିଷୋୟୀ । ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ ଅଧ୍ୟାପକ ଡ.ବିଶ୍ୱନାଥ ପାଣିଗ୍ରାହୀ ।

## ଜାତୀୟ ବାଳିକା ଦିବସ ପାଳିତ

ବ୍ରହ୍ମପୁର,୨୪ ।୧(ସମିସ): ସ୍ଥାନୀୟ ମେଡିକାଲ କ୍ୟାମ୍ପସ ଉଚ୍ଚ ବିଦ୍ୟାଳୟରେ ବୁଧବାର ଜିଲ୍ଲାସ୍ତରୀୟ ବାଳିକା ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଡ଼. ପ୍ରଭାତୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଭବାନୀପାଟଣା ଆରସିଏମ ମହାବିଦ୍ୟାଳୟର ପ୍ରଫେସର ଡ଼. ୱାଇ ରୋଜାରମଣୀ ଯୋଗ ଦେଇଥିଲେ । ସେହିଭଳି ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶିକ୍ଷାଧିକାରୀ ପାବିତ୍ରମୋହନ ସାହୁ, ରାଜେଶ କୁମାର ପ୍ରଧାନ, ଅତିରିକ୍ତ ଜିଲ୍ଲା ପ୍ରକଳ୍ପ ଅଧିକାରୀ ମନୋଜ କୁମାର ବେହେରା, ସ୍ୱେଚ୍ଛାସେବୀ ସଙ୍ଗଠନ "ସେବା'ର ସମ୍ପାଦିକା ଅଳକା ସାହୁ, ବୃନ୍ଦାବନ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟତ୍ରୀ ଶାନ୍ତିଲତା ମୁନି ଯୋଗଦେଇଥିଲେ ।

## ନର୍ସିଂ କଲେଜରେ ଦୁଇଦିନିଆ କର୍ମଶାଳା

ବ୍ରହ୍ମପୁର,୨୪ ।୧(ସମିସ): ଏମକେସିଜି ମେଡିକାଲ କଲେଜ ଓ ହସପିଟାଲ ପରିସରରେ ଥିବା କଲେଜ ଅଫ ନର୍ସିଂରେ ବୁଧବାର ଦୁଇଦିନିଆ ରାଜ୍ୟସ୍ତରୀୟ କର୍ମଶାଳା ଉଦଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳୀ ଦାଶ ଯୋଗ ଦେଇଥିବା ବେଳେ ନର୍ସିଂ ନିର୍ଦ୍ଦେଶକ ଡା. ରାମଚନ୍ଦ୍ର ରାଉତ, ଏମକେସିଜି ମେଡିକାଲର ଅଧୀକ୍ଷକ ପ୍ରଫେସର ଡା. ସୁଚିତ୍ରା ଦାସ, ଭାରପ୍ରାପ୍ତ ଉପ ନର୍ସିଂ ନିର୍ଦ୍ଦେଶକ ବାସନ୍ତି ବେହେରା ଅତିଥିଭାବେ ମଞ୍ଚାସୀନ ହୋଇ "ରୋଗୀ ସେବାରେ ନର୍ସ ସତର୍କ' ଶୀର୍ଷକରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ସେହିପରି ଡିଏମଇଟି ଡା. ସଚିଦାନନ୍ଦ ମହାନ୍ତି ଓ ଅତିରିକ୍ତ ନର୍ସିଂ ନିର୍ଦ୍ଦେଶକ ଡା. ସେଫାଳି ମଲ୍ଲିକ ଆଭାସୀ(ଭର୍ଚୁଆଲ)ରେ ଯୋଗ ଦେଇ ନିଜ ବକ୍ତବ୍ୟ ରଖିଥିଲେ । କଲେଜ ଅଫ ନର୍ସିଂର ଅଧ୍ୟକ୍ଷା ପ୍ରଫେସର ରାଜଲକ୍ଷ୍ମୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ । କଲେଜର ସାଂଗଠନିକ ସମ୍ପାଦିକା ସ୍ମିତା ସାହୁ ପରିଚାଳନା କରିଥିବା ବେଳେ କଲେଜର ସମସ୍ତ ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ ।

